ବର୍ଷ-୨୬, ସଂଖ୍ୟା-୨୬୧
ଭୁବନେଶ୍ୱର
ସେପ୍ଟେମ୍ବର, ୨୮, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 261
Bhubaneswar
September, 28, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଏସ୍ଆଇଆର ପ୍ରସଙ୍ଗରେ ବର୍ଷିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୯(ମହାଭାରତ): ଭୋଟର ତାଲିକାର ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ବା ଏସ୍ଆଇଆରକୁ ନେଇ କଂଗ୍ରେସର ଅଭିଯୋଗ ଉପରେ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଦୀର୍ଘ ବ୍ୟବଧାନ ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ପୁନଃସଂଶୋଧନ କରାଯାଉଥିବା କହି,ଏହା ଡିଜିଟାଲ୍ ଓ ଘରକୁ ଘର ସତ୍ୟାପନ ପ୍ରକ୍ରିୟାରେ ହେଉଥିବା ସେ କହିଛନ୍ତି । ଆଇସିଆଇ ଅନୁସାରେ ଏସଆଇଆର ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ନାଗରିକଙ୍କ ନାଁ ଭୋଟର ତାଲିକାରୁ ବାଦ୍ ନ ପଡ଼ିବା ଏବଂ ଅଯୋଗ୍ୟ ନାମ ସାମିଲ ନହେବା ।

ମୁଖ୍ୟମନ୍ତ୍ରୀ କହିଛନ୍ତି, କଂଗ୍ରେସ ନିଜ ସ୍ୱାର୍ଥ ପାଇଁ ନିର୍ବାଚନ କମିଶନଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛି । ଏସ୍ଆଇଆର୍‌ରେ ବହୁ ସଂଖ୍ୟକ ଭୋଟରଙ୍କ ନାଁ ବାଦ୍ ପଡ଼ିଥିବାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଉଥିବା ବେଳେ,ଏହା ପ୍ରକ୍ରିୟାର ଅଂଶ ବୋଲି ସେ କହିଛନ୍ତି । ଫର୍ମ-୬କୁ ନେଇ ମଧ ସ୍ପଷ୍ଟୀକରଣ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଫର୍ମ-୬ରେ ପରିବର୍ତ୍ତନ ହୋଇଥିବା କଂଗ୍ରେସର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି । ନିର୍ବାଚନ କମିଶନ ମଧ ସେପ୍ଟେମ୍ବର ୨୪ରେ କହିଛନ୍ତି ଯେ ମୂଳ ଫର୍ମ-୬ରେ କୌଣସି ପରିବର୍ତ୍ତନ କରାଯାଇନାହିଁ ; ଏସ୍ଆଇଆର ସମ୍ପର୍କିତ



ଅତିରିକ୍ତ ଘୋଷଣା ପତ୍ରକୁ ଅଲଗା ଭାବେ ଯୋଡ଼ାଯାଇଛି । ନୂଆ ଭୋଟରଙ୍କ ପାଇଁ ଏସ୍ଆଇଆର୍‌ରେ କୌଣସି ଅସୁବିଧା ନଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଫର୍ମ-୬ ବ୍ୟବସ୍ଥା ଜାରି ରହିଛି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମୁଖ୍ୟ ନିର୍ବାଚନ କମିଶନର କୌଣସି ରାଜ୍ୟର ସିଇଓଙ୍କ ବିରୋଧରେ ଯାଇ ଏକପାଖିଆ ଭାବେ ନିଷ୍ପତ୍ତି ନେଇନାହାନ୍ତି । ସମସ୍ତଙ୍କ ସହଯୋଗରେ ଏହି ପ୍ରକ୍ରିୟା ଚାଲିଛି । ଓଡ଼ିଶାରେ ଏସଆଇଆରର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦.୧୩ ଲକ୍ଷ ଭୋଟରଙ୍କ ନାଁ ଡ୍ରାଫ୍ଟ ଭୋଟର ତାଲିକାରୁ ବାଦ୍ ପଡ଼ିଥିଲା । ଏଥିରେ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଏକାଧିକ ସ୍ଥାନରେ ପଞ୍ଜୀକୃତ ଭୋଟର ଥିବା ନିର୍ବାଚନ ଅଧିକାରୀମାନେ କହିଥିଲେ ।କଂଗ୍ରେସକୁ ଟାର୍ଗେଟ୍ କରି ମୁଖ୍ୟମନ୍ତ୍ରୀ "ଚାଲୁଣି କହୁଛି ଛୁଞ୍ଚିକୁ" ଓ "ଗୋଳିଆ ପାଣିରୁ ମାଛ ଧରିବାକୁ କଂଗ୍ରେସ ଚେଷ୍ଟା କରୁଛି" ବୋଲି କହିଛନ୍ତି । ଏସ୍ଆଇଆର୍‌କୁ ନେଇ ଅଯଥା ଇସ୍ୟୁ କରାଯାଉଥିବା ଅଭିଯୋଗ କରି, ଦେଶରେ ଅରାଜକତା ସୃଷ୍ଟି ପାଇଁ କଂଗ୍ରେସ ଚକ୍ରାନ୍ତ କରୁଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି । କଂଗ୍ରେସ ଆଉ ଶାସନକୁ ଫେରିପାରିବ ନାହିଁ ବୋଲି ମଧ ମୁଖ୍ୟମନ୍ତ୍ରୀ କହିବା ସହ ବିରୋଧୀଙ୍କ ପକ୍ଷରୁ ଏସ୍ଆଇଆର୍‌କୁ ନେଇ ଆସୁଥିବା ଅଭିଯୋଗକୁ ସେ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି ।

## ମନ୍ କି ବାତ୍'ରେ ପାକିସ୍ତାନକୁ କଡ଼ା ଚେତାବନୀ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ:୨୭।୯(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍' ଜରିଆରେ ଦେଶକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ସେ ୨୦୧୬ ମସିହାରେ ପାକିସ୍ତାନ ଭିତରେ କରାଯାଇଥିବା ଐତିହାସିକ 'ସର୍ଜିକାଲ୍ ଷ୍ଟ୍ରାଇକ୍'ର ଦଶବର୍ଷ ପୂର୍ତ୍ତି ପ୍ରସଙ୍ଗକୁ ସ୍ମରଣ କରିଛନ୍ତି । ସର୍ଜିକାଲ୍ ଷ୍ଟ୍ରାଇକ୍ ଭାରତର ଆତଙ୍କବାଦ ବିରୋଧୀ ନୀତିରେ ଏକ ବଡ଼ ଏବଂ କଡ଼ା ଉଦାହରଣ ବୋଲି ସେ କହିଛନ୍ତି ।



କାର୍ଯ୍ୟକ୍ରମର ଆରମ୍ଭରେ ଦେଶବାସୀଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ କହିଛନ୍ତିଯେ 'ମନ୍‌କିବାତ୍' ମାଧ୍ୟମରେ ଦେଶର ସକାରାତ୍ମକ ପ୍ରୟାସ ଏବଂ ଐତିହାସିକ ଉପଲବ୍ଧିଗୁଡ଼ିକୁ ସାମାଜିକ ପ୍ଲାଟଫର୍ମ ଦିଆଯାଇଥାଏ । ଆସନ୍ତାକାଲି ଭାରତର ଏଭଳି ଏକ ସାହସିକ ଐତିହାସିକ ପଦକ୍ଷେପର ୧୦ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି ।

୨୦୧୬ ମସିହା ସେପ୍ଟେମ୍ବର ୨୮-୨୯ ତାରିଖ ମଧ୍ୟରାତ୍ରିର ସାହସିକ ଅଭିଯାନକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଦଶ ବର୍ଷ ପୂର୍ବେ? ଭାରତୀୟ ସେନା ନିଜର ବାହାଦୁରୀ ପ୍ରଦର୍ଶନ କରି ଏଲ୍?ଓସି ପାର ହୋଇ ପାକିସ୍ତାନ ମାଟିରେ ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲା । ଆମର ବୀର ଯବାନମାନଙ୍କ ଏହି କାର୍ଯ୍ୟକୁ ଦେଖି ସମଗ୍ର ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା । ଏହି ଷ୍ଟ୍ରାଇକ୍ ପୂରା ବିଶ୍ୱ ଆଗରେ ଭାରତର ଆତଙ୍କବାଦ ବିରୋଧୀ ନୀତିରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଥିଲା ।

ପୂର୍ବତନ ଆତଙ୍କବାଦୀ ଆକ୍ରମଣ ଏବଂ ସେ ସମୟର ସରକାରୀ ନୀତିଗୁଡ଼ିକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏକ ସମୟ ଥିଲା ଯେତେବେଳେ ଭାରତରେ ଭୟଙ୍କର ସିରିଏଲ୍ ବ୍ଲାଷ୍ଟ ହେବା ସାଧାରଣ କଥା ପାଲଟିଥିଲା । ୨୦୦୮ ସେପ୍ଟେମ୍ବର ୧୩ରେ ଦିଲ୍ଲୀ ବ୍ଲାଷ୍ଟ ଏବଂ ପରେ ମୁମ୍ବାଇର ୨୬/୧୧ ଆକ୍ରମଣକୁ ଦେଶବାସୀ କେବେବିଭୁଲିପାରିବେ ନାହିଁ । ପୂର୍ବରୁ ଆତଙ୍କବାଦୀ ଆକ୍ରମଣ ପରେ କେବଳ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଉଥିଲା, କିନ୍ତୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନଥିଲା ।କିନ୍ତୁ ଆଜିର ଭାରତ ଆତଙ୍କବାଦ ବିରୋଧରେ 'ଜିରୋ-ଟୋଲରାନ୍ସ'ନୀତି ଆପଣାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଧାନମନ୍ତ୍ରୀ । ସର୍ଜିକାଲ୍ ଷ୍ଟ୍ରାଇକ୍ ଠାରୁ ଆରମ୍ଭ କରି ବାଲାକୋଟ୍ ଏୟାର୍ ଷ୍ଟ୍ରାଇକ୍ ଏବଂ ଅନ୍ୟାନ୍ୟ ଅପରେସନ୍ ମାଧ୍ୟମରେ ଭାରତ ବାରମ୍ବାର ସ୍ପଷ୍ଟ କରିଛି ଯେ, ଯଦି କେହି ଭାରତ ଆଡ଼କୁ ଆଖି ଟେକିବ, ତେବେ ତାକୁ କଡ଼ା ଜବାବ ଦିଆଯିବ ।

## ବାଣ ବିକ୍ରି ବେଳେ ହାତରୁ ଖସିଲା ବୋମା, ଜଣେ ମୃତ

ଘଟଗାଁ:୨୭।୯(ମହାଭାରତ): ବାଣ ବିକ୍ରି ବେଳେ ଭୟଙ୍କର ବିସ୍ଫୋରଣ । ବିସ୍ଫୋରଣରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଗୁରୁତର ହୋଇଛନ୍ତି । ମୃତକ ହେଲେ ମାନପୁର ଗାଁର ପ୍ରତିମା ସାହୁ । ବାଣ କିଣିବାକୁ ଆସିଥିବା ଯୁବକଙ୍କ ସମେତ



୨ ଆହତ । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।ସୂଚନା ଅନୁସାରେ, ହରିଚନ୍ଦନପୁର ଥାନା ମାନପୁର ଗାଁରେ ବାଣ ବିକ୍ରି ବେଳେ ଘଟିଛି ଭୟଙ୍କର ବିସ୍ଫୋରଣ ହୋଇଛି । ବାଣ କିଣିବାକୁ ଜଣେ ଯୁବକ ଆସିଥିବା ବେଳେ ହାତରୁ ହଠାତ୍ ବୋମା ଖସି ଫୁଟିଥିଲା । ଫଳରେ ଘରେ ଥିବା ଅନ୍ୟ ବାଣରେ ମଧ ବିସ୍ଫୋରଣ ଘଟି ଘରଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ଏହି ବିସ୍ଫୋରଣରେ ମାନପୁର ଗାଁର ପ୍ରତିମା ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଖବର ପାଇ ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# ବନ୍ୟା ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ

କୋରାପୁଟ,୨୭।୯(ମହାଭାରତ): : କୋରାପୁଟ ଜିଲାର ବନ୍ୟା ପ୍ରଭାବିତ କୋଟପାଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପିରିଙ୍ଗି ଓ ଚାନ୍ଦିଲି ଅଞ୍ଚଳର ବନ୍ୟା ସ୍ଥିତି ପରଖିବା ପରେ ସେ ଚାନ୍ଦିଲି ଉଚ୍ଚ ବିଦ୍ୟାଳୟରେ ଖୋଲାଯାଇଥିବା ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ ।





ଆଶ୍ରୟସ୍ଥଳୀରେ ରହୁଥିବା ବନ୍ୟା ପୀଡ଼ିତ ପରିବାରଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବୁଝିଥିଲେ । ପ୍ରଶାସନ ପକ୍ଷରୁ ମିଳୁଥିବା ସହାୟତା ସମ୍ପର୍କରେ ମଧ ପଚାରି ବୁଝିଥିଲେ । ଏଥିସହ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ, ପାନୀୟ ଜଳ, ଶିଶୁ ଖାଦ୍ୟ ଓ ଔଷଧ ଯୋଗାଣ ବ୍ୟବସ୍ଥା ଯାଞ୍ଚ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, କୋରାପୁଟ ଜିଲାର ପ୍ରତ୍ୟେକ ବନ୍ୟା ପୀଡ଼ିତଙ୍କ ସହ ସରକାର ରହିଛନ୍ତି । କ୍ଷୟକ୍ଷତିର ଆକଳନ ପରେ ନିୟମାନୁଯାୟୀ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ । ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ବନ୍ୟା ସ୍ଥିତି ନେଇ ସମୀକ୍ଷା ବୈଠକ ହୋଇଥିଲା । ବନ୍ୟା ପ୍ରଭାବିତ ଅଞ୍ଚଳ, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ, ଆଶ୍ରୟସ୍ଥଳୀର ସୁବିଧା ଏବଂ ବନ୍ୟାଜନିତ କ୍ଷୟକ୍ଷତି ଆକଳନ ନେଇ ବୈଠକରେ ଆଲୋଚନା ହୋଇଥିଲା ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଆଶ୍ରୟସ୍ଥଳୀରେ ରହୁଥିବା ବନ୍ୟା ପୀଡ଼ିତ ପରିବାରଙ୍କୁ ୧୫ ଦିନ ପାଇଁ ଖାଦ୍ୟ, ରାସନ, ପୋଷାକ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ । ଏଥିସହ ବନ୍ୟା ପୀଡ଼ିତଙ୍କୁ ନିୟମାନୁଯାୟୀ ଅଗ୍ରିମ କ୍ଷତିପୂରଣ ଓ ସହାୟତା ରାଶି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି । ବନ୍ୟା ପାଣି ଜମି ରହିଥିବା ଚାଷଜମିରୁ ଶୀଘ୍ର ପାଣି ନିଷ୍କାସନ ପାଇଁ ଟେକ୍ନିକାଲ୍ ଟିମ୍ ନିୟୋଜିତ କରାଯିବ । ପାଣି ନିଷ୍କାସନ ପରେ ଜମିରେ ପୁନର୍ବାର କିପରି ଚାଷ କରାଯାଇପାରିବ, ସେନେଇ ମଧ ଆବଶ୍ୟକ ପଦକ୍ଷେପ ନିଆଯିବ । ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ସହ ଚାଷ କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

କୋଟପାଡ଼ ଠାରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱେ?ଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ, କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଜୟପୁର ଉପଜିଲାପାଳ ଶୁଭ୍ରା ପଣ୍ଡା, କୋରାପୁଟ ଉପଜିଲାପାଳ ଫାବି ରଶିଦ, ଅତିରିକ୍ତ ଜିଲାପାଳ ତପନ କୁମାର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ସବରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଓରାଙ୍ଗଉଟାନଙ୍କ ହେବ ଡିଏନଏ ଟେଷ୍ଟ

ଭୁବନେଶ୍ୱର,୨୭।୯(ମହାଭାରତ): ଖୁବଶୀଘ୍ର ଓରାଙ୍ଗଉଟାନଙ୍କର ଡିଏନଏ ଟେଷ୍ଟ କରାଯିବ । ଆଉ ଏହା ରାଜ୍ୟ ବାହାରେ ହେବ । ଏନେଇ ରବିବାର ସୂଚନା ଦେଇଛନ୍ତି ୱାଇଲ୍ଡ ଲାଇଫ ପିସିସିଏଫ୍ ପ୍ରେମ ଝା ।ସେ କହିଛନ୍ତି, ଓରାଙ୍ଗଉଟାନଙ୍କ ଡିଏନଏ ଟେଷ୍ଟ କରିବା ପାଇଁ ଆମ ପାଖରେ ଉପଯୁକ୍ତ ଲାବୋରୋଟାରୀ ନାହିଁ । ଏପରିକି ଆମ ଦେଶରେ ମଧ ଏପରି ଲ୍ୟାବ୍ କମ୍ ରହିଛି । ତେଣୁ ଡିଏନଏ ଟେଷ୍ଟ କରିବାରେ ସମୟ ଲାଗୁଛି । ଖୁବଶୀଘ୍ର ସେମିତି ଲ୍ୟାବ ଖୋଜିକି ଆମେ ସେମାନଙ୍କର ଡିଏନଏ ଟେଷ୍ଟ କରିବୁ ।ଏହା ସହ ଶ୍ରୀ ଝା କହିଛନ୍ତି ଯେ, ଓରାଙ୍ଗଉଟାନମାନଙ୍କୁ ଉଦ୍ଧାର କଲାପରେ ଆମେ ସେମାନଙ୍କୁ ନନ୍ଦନକାନନରେ ରଖିଥିଲୁ । ସେଠାରେ ସେମାନଙ୍କର ଉତ୍ତମ ରକ୍ଷଣାବେକ୍ଷଣ ଚାଲିଛି । ନିୟମ ଅନୁସାରେ, ସାଇଟିସ୍‌ରେ ମ୍ୟାନେଜମେଣ୍ଟ ଅଥର୍ଟି ହିଁ କହିପାରିବେ କି ଆମେ ତାଙ୍କୁ ଏଠାରେ ରଖିବୁ ନା ସେମାନଙ୍କର ଜନ୍ମସ୍ଥାନକୁ ପଠାଇବୁ । ନନ୍ଦନକାନନରେ ୫ ଓରାଙ୍ଗଓଟାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସେ କହିଛନ୍ତି ।

## ଆଜିଠୁ ଦେଶବ୍ୟାପୀ ୩ ଦିନିଆ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର ୨୭।୯(ମହାଭାରତ): : ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫବିୟୁ) ପକ୍ଷରୁ ସୋମବାର ଠାରୁ ୩ ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି । ସପ୍ତାହରେ ୫ ଦିନ କାର୍ଯ୍ୟଦିବସକୁ ଲାଗୁ କରିବା ସହିତ ଅନ୍ୟାନ୍ୟ ଦାବିରେ ରାଷ୍ଟ୍ରାୟତ୍ତ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇଛନ୍ତି । ତେବେ ଆଜି ରବିବାର ବ୍ୟାଙ୍କ ଖୋଲାଥିବାରୁ କର୍ମଚାରୀମାନେ ହାତରେ କଳାବ୍ୟାଚ୍ ପରିଧାନ କରିଥିଲେ ।

# ମହାନଦୀରେ ଆସୁଛି ବନ୍ୟା

## ସୃଷ୍ଟି ହେଉଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର,୨୭।୯(ମହାଭାରତ): ମହାନଦୀରେ ଆସୁଛି ଛୋଟ ବନ୍ୟା । ଶାଖା ନଦୀ କାଠଯୋଡି, କୁଆଖାଇ, ଦେବୀ, କୁଶଭଦ୍ରା ଓ ଦୟା ନଦୀରେ ବନ୍ୟା ଆସିବ । ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏନେଇ ସୂଚନା ଦେଇଛନ୍ତି । ଚଳିତ ବର୍ଷ ମହାନଦୀରେ ଏହା ଚତୁର୍ଥ ଛୋଟ ଧରଣର ବନ୍ୟା । ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁଁ ଜଳସ୍ତର ବଢ଼ିଛି ।



ହୀରାକୁଦ ଜଳଭଣ୍ଡାରରୁ ୨୮ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି । ଆବଶ୍ୟକ ପଡ଼ିଲେ ଆସନ୍ତାକାଲି ଆହୁରି କିଛି ଗେଟ୍ ଖୋଲାଯାଇପାରେ । ଆଜି ରାତିରେ ମୁଣ୍ଡଳିରେ ୭ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ । ଆସନ୍ତାକାଲି ସକାଳ ୯ଟା ମଧ୍ୟରେ ଏହା ପ୍ରାୟ ୮ ଲକ୍ଷ କ୍ୟୁସେକରେ ପହଞ୍ଚିବାର ଆକଳନ କରାଯାଉଛି । ବନ୍ୟା ଯୋଗୁଁ ବାଙ୍କୀ, ବଡ଼ମ୍ବା, ଆଠଗଡ଼, କଣାସ, ନିମାପଡ଼ା, ଗୋପ, ଏରସମା, ବାଲିକୁଦା ଓ ପାଟକୁରା ଭଳି ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିପାରେ । ଏହି ସ୍ଥିତି ପ୍ରାୟ ୨୪ରୁ ୪୮ ଘଣ୍ଟା ଲାଗି ରହିବାର ଆଶଙ୍କା ରହିଛି । କଟକ, ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ହୋଇପାରେ ।

ମା' ଭଟ୍ଟାରିକାଙ୍କ ପୀଠରେ ବନ୍ୟା ଜଳ ଛୁଇଁଲା ମା'ଙ୍କ ବେଢା । ଆହୁରି ବଢୁଛି ଜଳସ୍ତର । ବଡ଼ମ୍ବା ଗଡ଼ର ଆରାଧ୍ୟା ଦେବୀ ମା' ଭଟ୍ଟାରିକାଙ୍କ ପୀଠ ବେଢା ଛୁଇଁଲା ବନ୍ୟା ଜଳ । ଚଳିତ ବର୍ଷର ପଞ୍ଚମ ବନ୍ୟାରେ ପୁଣି ଥରେ ମା'ଙ୍କ ମନ୍ଦିର ବେଢାକୁ ଛୁଇଁଛି ବନ୍ୟାଜଳ । ମନ୍ଦିର ବେଢାକୁ ଲାଗି ପ୍ରାୟ ୨ ଫୁଟ ଉଚ୍ଚର ପାଣି ଜମି ରହିଥିବା ବେଳେ, ଲଗାତାର ବଢୁଥିବା ଜଳସ୍ତର ଏବେ ଭକ୍ତ ଓ ସେବାୟତଙ୍କ ଚିନ୍ତା ବଢ଼ାଇଛି । ଧବଳେଶ୍ୱର ପୀଠରେ ମଧ୍ୟ କଟକଣା କରାଯାଇଛି । ଅନ୍ୟପଟେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି କମୁଛି । ବୈତରଣୀ ଓ ବୁଢ଼ାବଳଙ୍ଗ ନଦୀରେ ମଧ ଜଳସ୍ତର ହ୍ରାସ ପାଉଛି । ଜଳକା ନଦୀରେ ଜଳସ୍ତର ସ୍ଥିର ରହିଛି ଏବଂ ଆଗାମୀ ୨୪ରୁ ୪୮ ଘଣ୍ଟା ସ୍ଥିତି ପ୍ରାୟ ସମାନ ରହିପାରେ । ସାଳନ୍ଦୀ ନଦୀରେ ମଧ ଜଳବନ୍ଦୀ ସ୍ଥିତି ଲାଗିରହିଛି । ବ୍ରାହ୍ମଣୀ ନଦୀରେ ବର୍ତ୍ତମାନ ବନ୍ୟା ସ୍ଥିତି ନାହିଁ । ଦକ୍ଷିଣ ଓଡ଼ିଶାରେ ମଧ ବନ୍ୟାର ପ୍ରଭାବ ଧୀରେଧୀରେ କମିଥିବା କହିଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ।

ପୁଣି ସୃଷ୍ଟି ହେଲା ଲଘୁଚାପ । କେନ୍ଦ୍ରୀୟ ଥାଇଲାଣ୍ଡ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଦକ୍ଷିଣ ମିଆଁମାର ଉପକୂଳ ଉପରେ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହା ସହ ଜଡିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୯.୪ କିମି ଉଚ୍ଚତା ଯାଏଁ ବ୍ୟାପିଛି । ଲଘୁଚାପଟି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଆଣ୍ଡାମାନ ସାଗର ଏବଂ ମିଆଁମାରର ସଂଲଗ୍ନ ଇରାୱାଡି ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି ।ଆଗାମୀ ଦୁଇ ଦିନ ମଧ୍ୟରେ ଏହା ମିଆଁମାର-ବାଂଲାଦେଶ ଉପକୂଳ ଦେଇ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ । ଲଘୁଚାପଟି ଉତ୍ତର-ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ବାଂଲାଦେଶ ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି । ତେବେ ଏହାର ପ୍ରଭାବ ଓଡିଶା ଉପରେ କେତେ ପଡିବ ସେନେଇ ପାଣିପାଗ ବିଭାଗ ତରଫରୁ ସ୍ପଷ୍ଟ କରାଯାଇନି ।

# ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବିପୁଳ ସଂପତ୍ତି

## ୨ ବହୁତଳ କୋଠା, ୬ ପ୍ଲଟ୍, ଗାଡି ଜବତ

ମାଲକାନଗିରି,୨୭।୯(ମହାଭାରତ): ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଉଉ) ଶିଶିର କୁମାର ଦାଶଙ୍କ ଘରେ ରବିବାର ଭିଜିଲାନ୍ସ ଚାଉ କରିଥିବା ବେଳେ ତାଙ୍କର ସଂପତ୍ତି ସଂପର୍କିତ ସୂଚନା ସାମ୍ନାକୁ ଆସିଛି । ଚାଉ ଜାରି ରହିଥିବା ବେଳେ ତାଙ୍କର ୨ଟି ବହୁତଳ କୋଠା, ୬ଟି ମୂଲ୍ୟବାନ ପ୍ଲଟ୍, ଗୋଟିଏ ଚାରି ଚକିଆ ଗାଡି ସହିତ ଅନ୍ୟାନ୍ୟ ସଂପତ୍ତି ଠାବ କରାଯାଇଛି ।



ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରର ବରମୁଣ୍ଡାରେ ତାଙ୍କର ଏକ ୪ ମହଲା କୋଠା ଅଛି । ଏହା ପ୍ରାୟ ୬,୭୬୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି । ସେହିପରି ବ୍ରହ୍ମପୁରର ନୀଳାଚଳ ନଗରରେ ତାଙ୍କର ଏକ ଦୁଇ ମହଲା କୋଠା ଅଛି । ଏହାକୁ ପ୍ରାୟ ୨,୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ କରାଯାଇଛି ।

ଶ୍ରୀ ଦାଶଙ୍କର ୬ଟି ମୂଲ୍ୟବାନ ପ୍ଲଟ୍ ଥିବା ବେଳେ ସେଥିରୁ ୩ଟି ବ୍ରହ୍ମପୁରରେ ରହିଛି । ବାକି ତିନୋଟିରୁ ଗୋଟିଏ ପୁରୀ, ଗୋଟିଏ ଖୋର୍ଦ୍ଧା ଓ ଗୋଟିଏ ଗଞ୍ଜାମର ଗୋବରାରେ ଅଛି । ଏହି ସବୁ କୋଠା ଓ ପ୍ଲଟ୍‌ର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ କମିଟି ପକ୍ଷରୁ ମାପଚୁପ ଓ ହିସାବ ଜାରି ରହିଛି ।

ଏସବୁ ସହିତ ଶ୍ରୀ ଦାଶଙ୍କର ବ୍ୟାଙ୍କ ଓ ପୋଷ୍ଟାଲ ଜମା ଅଛି । ସେ ଅନ୍ୟାନ୍ୟ ନିବେଶ ମଧ କରିଛନ୍ତି । ଏନେଇ ଭିଜିଲାନ୍ସର ଯାଞ୍ଚ ଜାରି ରହିଛି । ତାଙ୍କର ଗୋଟିଏ କାର (Hyundai i10 car) ଓ ୩ଟି ଦୁଇ ଚକିଆ ଗାଡି ଅଛି । ଭିଜିଲାନ୍ସ ପକ୍ଷରୁ ଖୋଳତାଡ ଜାରି ରହିଥିବା ବେଳେ ତାଙ୍କର ଆହୁରି ସଂପତ୍ତି ଥିବା ନେଇ ଆଶଙ୍କା କରୁଛି ଭିଜିଲାନ୍ସ ।

ସୂଚନାଯୋଗ୍ୟ, ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ଟଙ୍କା ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭୁବନେଶ୍ୱରର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ଏସଇ), ରୋଡ୍ସ ଏଣ୍ଡ ବିଲ୍ଡିଂସ୍ (ଜଡଇ) ଡିଭିଜନ-୧ଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ବନଲତା ମହାନ୍ତି ଓ ଜୁନିୟର ଆସିଷ୍ଟାଣ୍ଟ ବିଭୁଦତ୍ତ ନାୟକଙ୍କୁ ଗତକାଲି ଭିଜିଲାନ୍ସ ଗିରଫ କରିଥିବା ବେଳେ ଆଜି ଆଉ ୪ ଜଣଙ୍କୁ ଗିରଫ କରିଛି । ସେମାନେ ମଧ ସେହି କାର୍ଯ୍ୟାଳୟର କର୍ମଚାରୀ । ସେମାନେ ବନଲତା ମହାନ୍ତି ଓ ବିଭୁଦତ୍ତ ନାୟକଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ ।

## ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ବ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

ଖବର

# ଯେତିକି ସାଂଘାତିକ, ସେତିକି ପ୍ରଶ୍ନବାଚୀ




ଜଦି' ଚଳଚ୍ଚିତ୍ର ସହିତ ଓଲିଉଡ୍‌ର 'ଓବ୍‌ସେସନ୍' କ୍ଷଣ ଆସିଯାଇଛି। ସେହି ଚର୍ଚ୍ଚିତ ହଲିଉଡ୍ ଚଳଚ୍ଚିତ୍ରର ନିର୍ଦ୍ଦେଶକଙ୍କ ଭଳି ଓଡ଼ିଶାର ଜଣେ ଯୁବ ୟୁଟ୍ୟୁବର, ପ୍ରଥମ ଉଦ୍ୟମରେ, ଏକ ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର ନିର୍ମାଣ କରିବାରେ ସଫଳ ହୋଇଛନ୍ତି। ଏହା ନିଶ୍ଚିତ ଭାବେ ଆମ ରାଜ୍ୟର ଚଳଚ୍ଚିତ୍ର ଶିଳ୍ପ ସମେତ ଚଳଚ୍ଚିତ୍ର ନିର୍ମାଣ କରିବାର ସ୍ୱପ୍ନ ଦେଖୁଥିବା ଦକ୍ଷ କଳାକାରଙ୍କ ପାଇଁ ଅତ୍ୟନ୍ତ ଶୁଭ ସଙ୍କେତ। ମୌଳିକ କାହାଣୀ, ଜୀବନ୍ତ ଚରିତ୍ର, ଆଡ଼ମ୍ବରଶୂନ୍ୟ ସଂଳାପ, ଅର୍ଥପୂର୍ଣ୍ଣ ସଂଗୀତ ଓ ହାସ୍ୟରସକୁ ନେଇ ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ଉଦୟସିଂହ ଏକ ରୋମାଞ୍ଚଧର୍ମୀ ସିନେମା ପରଷିଦେବାର ଉଦ୍ୟମ କରିଛନ୍ତି। ମନୋରଂଜନ ସହିତ ଶକ୍ତିଶାଳୀ ସାମାଜିକ ବାର୍ତ୍ତାକୁ ମଧ୍ୟ ଗୁନ୍ଥାଯାଇଛି। ଦୁଷ୍କର୍ମ ଭଳି ସାଂଘାତିକ ଅପରାଧକୁ ଦେଖିବାର ସାମାଜିକ ଦୃଷ୍ଟିଭଙ୍ଗୀ ବଦଳାଇବା ପାଇଁ ଯେଉଁ ପ୍ରଚେଷ୍ଟା କରାଯାଇଛି ତାହା ଖୁବ୍ ପ୍ରାସଙ୍ଗିକ। ଏହା ହିଁ ଚଳଚ୍ଚିତ୍ରକୁ ତା'ର ଶୀର୍ଷକ ପ୍ରଦାନ କରିଛି। ତେବେ ମନୋରଂଜନରୁ ପାଦେ ଆଗକୁ ବଢ଼ି ଚଳଚ୍ଚିତ୍ରରେ ଯେତେବେଳେ ଗୁରୁତ୍ୱପୂର୍ଣ୍ଣ ସାମାଜିକ ବାର୍ତ୍ତା ଦେବାକୁ ଚେଷ୍ଟା କରାଯାଇଛି ସେତେବେଳେ ସେ ନେଇ ଚିନ୍ତାଶୀଳ ସମୀକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ଏହି କାହାଣୀଟି ଯେଉଁ ବିନ୍ଦୁରେ ସମାପ୍ତ ହୋଇଛି, ତାହା ମନରେ ପ୍ରଶ୍ନ ଉଠାଉଛି ଯେ ଏହା ଆମ ସମାଜକୁ ମହରଗରୁ ନେଇ କାନ୍ତାରରେ ପକାଇବା ଭଳି କଥା ନୁହେଁ ତ ? ଚଳଚ୍ଚିତ୍ରଟି ଆରମ୍ଭ ହେଉଛି ଏକ ଗାଁରେ, ମୂର୍ତ୍ତି ଭସାଣି ଗୀତରୁ। ଭସାଣିରେ ଚିଣ୍ଟୁ (ଶୈଳେନ୍ଦ୍ର ସାମନ୍ତରାୟ) ସମସ୍ତଙ୍କୁ ହାତକୁ ମଦ ବଢ଼ାଇଦେଉଛି। କ୍ରମେ ଜଣେ ଝିଅ ବେହୋସ ହୋଇପଡ଼ିବା ପରେ ତା' ସାଙ୍ଗ ଝିଲି (ପ୍ରିୟମ୍ବଦା ସ୍ୱାଇଁ) ସମସ୍ତଙ୍କ ସମ୍ମୁଖରେ ପ୍ରଘଟ କରିଦେଉଛି ଯେ ଚିଣ୍ଟୁ ହିଁ ଝିଅମାନଙ୍କୁ ମଦ ପିଇବାକୁ ଦେଇଛି। ଏହି କଥାରେ ଅପମାନିତ ଚିଣ୍ଟୁ ଝିଲିଠାରୁ ପ୍ରତିଶୋଧ ନେବାର ଉପାୟ ପାଞ୍ଚୁଛି। ଚିଣ୍ଟୁର ଶିକ୍ଷକ ପିତା (ରବି ମିଶ୍ର) ତା' କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ତାକୁ ଘରେ ତାଲା ପକାଇ ରଖିବା, ଏପରିକି ନିଜେ ଘରୁ ଛାଡ଼ି ପଳାଇବା ଭଳି ଚରମ ପଦକ୍ଷେପ ନେବା ପରେ ବି ଚିଣ୍ଟୁର ଆହତ ପୌରୁଷ ଝିଲିକୁ ଆହୁରି ହଇରାଣ କରିବାକୁ ପଛାଉ ନାହିଁ। କାହାଣୀଟି ଆଗକୁ ବଢ଼ିବା ସହିତ ଚଳଚ୍ଚିତ୍ରରେ ଦେଖିବାକୁ ମିଳୁଥିବା ଦୁଇଟି ଚିରାଚରିତ ଧାରା ଭାଙ୍ଗିଛି।

## ଉପକାରୀ ବରକୋଳି

ବରକୋଳିଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।



- ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ।
- ହଜମ ଶକ୍ତି ବଢ଼ାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ।
- ବରକୋଳିର ଆଚାର ମଧ୍ୟ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ।
- ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ୍। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।

# ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା

ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।
ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି



ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ତ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।

# ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧା


ଭଗବାନ ଶ୍ରୀକୃଷ୍ଣଙ୍କ ଏକତ୍ର ମୂର୍ତ୍ତି ଦେଖାଯିବା ବିରଳ। ସର୍ବଦା ଦେବୀ ରାଧାଙ୍କ ସହ ତାଙ୍କୁ ପୂଜା କରାଯାଇଥାଏ। ବୃନ୍ଦାବନରେ କଟିଥିଲା ଭଗବାନ କୃଷ୍ଣଙ୍କ ପିଲାଦିନ। ସେଠାରୁ କିଛି ଦୂରରେ ଥିବା ରେପଲ୍ଲୀ ନାମକ ସ୍ଥାନରେ ଦେବୀ ରାଧାଙ୍କ ଘର ଥିଲା। ମାତ୍ର ପ୍ରତିଦିନ ଶ୍ରୀକୃଷ୍ଣଙ୍କ ସୁମଧୁର ବଇଁଶୀ ସ୍ୱର ଶୁଣି ସେ ବୃନ୍ଦାବନକୁ ଦୌଡ଼ି ଚାଲିଆସୁଥିଲେ। ସେ ଭଗବାନ କୃଷ୍ଣଙ୍କ ଠାରୁ ୫ ବର୍ଷ ବଡ଼ ଥିଲେ। ଶ୍ରୀକୃଷ୍ଣଙ୍କ ବଇଁଶୀ ସ୍ୱର ଶୁଣି ଅନ୍ୟ ଗୋପୀମାନେ ମଧ୍ୟ ଆସୁଥିଲେ। ତେବେ ସେମାନେ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱରରେ ମୁଗ୍ଧ ହୋଇଯିବା ସମୟରେ ଶ୍ରୀକୃଷ୍ଣ ସେମାନଙ୍କୁ ଛାଡ଼ି ରାଧାଙ୍କ ନିକଟକୁ ଚାଲିଯାଉଥିଲେ। ଏହିପରି ଚାଲିଥିବା ସମୟରେ ଧୀରେ ଧୀରେ ସେ ସମୟ ନିକଟସ୍ଥ ହେଉଥିଲା, ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ଛାଡ଼ି ବୃନ୍ଦାବନରୁ ମଥୁରା ଯିବାର ଥିଲା। ମାମୁ କଂସର ଆମନ୍ତ୍ରଣକ୍ରମେ କୃଷ୍ଣ-ବଳରାମ ମଥୁରା ବାହାରିଲେ। ଏହି ଖବର ଶୁଣିବା



ପରେ ସମଗ୍ର ବୃନ୍ଦାବନବାସୀ ଦୁଃଖରେ ଭାଙ୍ଗିପଡ଼ିଲେ। ସବୁଠୁ ବେଶୀ ପୀଡ଼ା ଅନୁଭବ କରିଥିଲେ ମାତା ଯଶୋଦା ଏବଂ ଦେବୀ ରାଧା। ବିଦାୟ ନେବାର ବେଳ ଆସିବାରୁ ଭଗବାନ ଶ୍ରୀକୃଷ୍ଣ ଭାବିଲେ, ଥରୁଟିଏ ଯାଇ ରାଧାଙ୍କୁ ଦେଖା କରି ଆସିବେ। ଦୁହେଁ ପରସ୍ପରକୁ ଭେଟିଲେ। ଶ୍ରୀକୃଷ୍ଣଙ୍କ ମୁଖରେ ଭାଷା ନଥିଲା। ରାଧାଙ୍କ ଚକ୍ଷୁରୁ ଧାର ଧାର ଅଶ୍ରୁ ନିଗିଡ଼ି ପଡୁଥିଲା। ଦୁହେଁ ପରସ୍ପରର ସମ୍ମୁଖରେ ଛିଡ଼ା ହୋଇଥିଲେ ବି କେହି ପଦୁଟିଏ ବି କଥା କହୁନଥିଲେ। ଉଭୟ ପରସ୍ପରର ହୃଦୟକୁ ଖୁବ୍ ଭଲ ଭାବେ ପଢ଼ି ନେଉଥିଲେ। ସେଥିପାଇଁ ନିରବ ଥିଲେ ବି ସେମାନେ ମନେ ମନେ ଯାହା ବାର୍ତ୍ତାଳାପ କରିବା କଥା କରିନେଲେ। ଶେଷରେ ରାଧାଙ୍କ ଠାରୁ ବିଦାୟ ନେଇ ଶ୍ରୀକୃଷ୍ଣ ଫେରିଲେ। ଅନ୍ୟପଟେ ବୃନ୍ଦାବନ ଛାଡ଼ି ଚାଲିଯିବା ଲାଗି ଗୋପୀଙ୍କୁ ମଧ୍ୟ ରାଜି କରେଇନେଲେ । ଶ୍ରୀକୃଷ୍ଣ ଚାଲିଯିବା ପରେ ସାରା ବୃନ୍ଦାବନ ଖାଁ ଖାଁ ହୋଇଗଲା। ସମସ୍ତେ କୃଷ୍ଣଙ୍କୁ ଝୁରୁଥିଲେ, କାନ୍ଦୁଥିଲେ ଆଉ ତାଙ୍କ ଅନୁପମ ଲୀଳାକୁ ମନେ ପକାଉଥିଲେ। ରାଧା କିନ୍ତୁ ଥିଲେ ନିରବ ଏବଂ ନିଶ୍ଚଳ। ତାଙ୍କ ଠାରେ ଶ୍ରୀକୃଷ୍ଣଙ୍କ ବିରହର କୌଣସି ପ୍ରତିକ୍ରିୟା ନଥିଲା। କାରଣ ସେ ଜାଣିଥିଲେ ଯେ ଶ୍ରୀକୃଷ୍ଣ ହୁଏତ' ଶାରୀରିକ ଭାବେ ତାଙ୍କ ଠାରୁ ଦୂରେଇ ଯାଇଛନ୍ତି, କିନ୍ତୁ ଏବେ ବି ସେ କୃଷ୍ଣଙ୍କ ସତ୍ତାକୁ ନିଜ ମନପ୍ରାଣରେ ଅନୁଭବ କରିପାରୁଛନ୍ତି। ଶେଷରେ ରାଧାଙ୍କୁ ବିବାହ କରିବାକୁ ପଡ଼ିଥିଲା। ସେ ଗୃହସ୍ଥ ଧର୍ମ ପାଳନ କଲେ। ତାଙ୍କର ବୃଦ୍ଧାବସ୍ଥା ଆସିଗଲା। ବୃଦ୍ଧାବସ୍ଥାରେ ଦିନେ ସେ ଲୁଚି ଲୁଚି ଶ୍ରୀକୃଷ୍ଣଙ୍କ ନଗରୀ ଦ୍ୱାରୀକାରେ ପହଞ୍ଚିଗଲେ। ଥରକେ ତାଙ୍କୁ ଶ୍ରୀକୃଷ୍ଣଙ୍କ ସହ ଭେଟିବାକୁ ସୁଯୋଗ ମିଳିଲା ନାହିଁ। ତେବେ ଭିଡ଼ ଭିତରେ ସେ କୃଷ୍ଣଙ୍କୁ ଖୋଜିନେଲେ। ରାଧାଙ୍କୁ ଦେଖି ଶ୍ରୀକୃଷ୍ଣ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ। ସେତେବେଳେ ମଧ୍ୟ ଶ୍ରୀକୃଷ୍ଣ କିମ୍ବା ରାଧାଙ୍କ ପାଟିରେ ପଦୁଟିଏ କଥା ବାହାରିଲା ନାହିଁ। କାରଣ ଦୁହେଁ ପରସ୍ପରର ମାନସିକ ସଙ୍କେତ ବୁଝିପାରୁଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ନିଜ ମହଲରେ ଜଣେ ଦେବୀକା ରୂପରେ ରହିବା ଲାଗି କହିଲେ। ଦେବୀ ରାଧା ମହଲ କିଛିଦିନ ରହିଲେ। ଇଚ୍ଛା ହେଲେ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ। ଏମିତି କିଛିଦିନ ବିତିଯିବା ପରେ ଥରେ ରାଧାଙ୍କ ମନ ଅସ୍ଥିର ହୋଇଉଠିଲା। ପୁଣିଥରେ ଶ୍ରୀକୃଷ୍ଣଙ୍କ ବିରହ ଆଶଙ୍କା ତାଙ୍କୁ ବ୍ୟଥିତ କରୁଥିଲେ। ଏମିତିରେ ଦିନେ ସେ ଦ୍ୱାରୀକା ମହଲ ଛାଡ଼ିଚାଲିଗଲେ। ଏମିତି ଚାଲି ଚାଲି ସେ ଏକ ଏକାନ୍ତ ସ୍ଥାନରେ ପହଞ୍ଚିଗଲେ। ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ହୋଇଥିବାରୁ ସେ ସବୁକିଛି ଜାଣିନେଉଥିଲେ। ସେ ଜାଣିଥିଲେ ଯେ ଦେବୀ ରାଧାଙ୍କ ଦେହତ୍ୟାଗର ସମୟ ଆସିଯାଇଛି। ଏହି ସମୟରେ ରାଧା ତାଙ୍କୁ ସ୍ମରଣ କଲେ। ଶ୍ରୀକୃଷ୍ଣ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ କିଛି ବର ମାଗିବାକୁ କହିଲେ। ଦେବୀ ରାଧା କିନ୍ତୁ ମନାକଲେ। ଶ୍ରୀକୃଷ୍ଣ ତାଙ୍କୁ କିଛି ଦେବାକୁ ଚାହୁଁଥିଲେ, କାରଣ ସାରା ଜୀବନ ଦେବୀ ରାଧା ତାଙ୍କୁ କେବେ କିଛି ମାଗିନଥିଲେ। ଶେଷରେ ଦେବୀ ରାଧା ବଂଶୀ ସ୍ୱର ଆଉଥରେ ଶୁଣିବାକୁ ଚାହିଁଲେ। ଅତି ମଧୁର ସ୍ୱରରେ କୃଷ୍ଣ ବଂଶୀ ବଜାଇଲେ। ସେହି ସ୍ୱରରେ ବିହ୍ୱଳିତ ହୋଇ ଦେବୀ ରାଧା ଏ ସଂସାରରୁ ବ୍ରହ୍ମଲୋକ ଦିଗରେ ପ୍ରସ୍ଥାନ କଲେ।

# ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ । ସେମାନେ



ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ । ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ । ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ । ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା । ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ । ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ । ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ । ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍‌କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ । ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି । ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ବାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ । କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ ।

ନଗରନକ୍ସା
ମହାନଗରର ନିଜ ଭାଷା



# ଗ୍ରୀଷ୍ମ ପ୍ରବାହ ଓ ବର୍ଷାଜଳ ନିଷ୍କାସନ ନେଇ ବୈଠକ



ଭୁବନେଶ୍ୱର, ୨୭।୯ (ମହାଭାରତ): ସହରାଂଚଳରେ ଗ୍ରୀଷ୍ମ ପ୍ରବାହ ଓ ବନ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରଶମନ ରଣନୀତି ସହ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ଆଧୁନିକୀକରଣ ନେଇ ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମ୍‌ସି କମିଶନର ଚଂଚଳ ରାଣା, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ରବୀନ୍ଦ୍ର ସାହୁ, ଇଆଇସି, ପିଏଚ୍‌ଇଓ ବିଳାସ ବେହେରା, ଓ ଓଡବ୍ଲ୍ୟୁଏସ୍‌ଏସବି ଇଆଇସି ଭାଗ୍ୟଧର ମହାନ୍ତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ଡିପିଆର ପ୍ରସ୍ତୁତି, ଅର୍ଥ ବ୍ୟବସ୍ଥା, ଦକ୍ଷତା ବିକାଶ, ବୈଷୟିକ ସହାୟତା ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ରାଜ୍ୟର ୬ଟି ମହାନଗର ନିଗମ ସହ ଅନ୍ୟ ପୌରାଂଚଳ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ସହରଗୁଡ଼ିକୁ ଏଥିରେ ପ୍ରାଥମିକତା ଦିଆଯାଇଥିଲା । ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ଏକ ସ୍ୱଷ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀମତୀ ପାଢ଼ୀ ଗୁରୁତ୍ୱ ଦେଇଥିଲେ । ଆଗାମୀ ଅର୍ବାନ କନକ୍ଲେଭରେ ଏହି ବିଷୟକୁ ଆନୁଷ୍ଠାନିକ ଭାବେ ଆଲୋଚନାକୁ ନେଇ ବିଭିନ୍ନ ସଂସ୍ଥା ଓ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ସହରାଂଚଳରେ ଗ୍ରୀଷ୍ମ ପ୍ରବାହର ଅଧିକ ପ୍ରଭାବିତ ଅଂଚଳ ବା ହଟସ୍ପଟ ଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ପଦକ୍ଷେପ ନେବା ସହ ସମସ୍ତ ପୌରାଞ୍ଚଳ ପାଇଁ କିଛି ପଦକ୍ଷେପ ଚିହ୍ନଟ କରିବାକୁ ସେ କହିଥିଲେ । ଏଥିପାଇଁ କେଉଁ ପଦକ୍ଷେପ ତୁରନ୍ତ ନିଆଯାଇ ତାହା କାର୍ଯ୍ୟକାରୀ କରାଯାଇପାରିବ, ସେ ସମ୍ପର୍କରେ ସ୍ୱଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଶୀମତୀ ପାଢୀ ପରାମର୍ଶ ଦେଇଥିଲେ । ଆସନ୍ତା ଖରାଦିନ ପୂର୍ବରୁ ଏହା ମାଧ୍ୟମରେ ଜନସାଧାରଣଙ୍କୁ ଦୃଶ୍ୟମାନ ଆଶ୍ୱସ୍ତି ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଦୀର୍ଘମିଆଦୀ ପଦକ୍ଷେପ ଭାବେ ବନ ବିଭାଗ ସହ ସମନ୍ୱୟରେ ବୃକ୍ଷରୋପଣ ଓ ଅନ୍ୟାନ୍ୟ ପ୍ରକୃତିଭିତିକ ପଦକ୍ଷେପ ନେବାକୁ ସେ କହିଥିଲେ । ଦକ୍ଷତା ବିକାଶ ପାଇଁ ଓଡ଼ିଶା ଅର୍ବାନ ଏକାଡେମୀ ମାଧ୍ୟମରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇପାରିବ । ଏଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ମଡ୍ୟୁଲ୍ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଅର୍ବାନ ପ୍ଲାନିଂ ସେକ୍ସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ଶୀମତୀ ପାଢୀ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇ ଓ ଡବ୍ଲ୍ୟୁ ଏସ୍ ଏସ୍ ବି ମାଧ୍ୟମରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ନିୟୋଜନର ବ୍ୟବସ୍ଥା କରାଯିବ। ବର୍ଷାଜଳ ପରିଚାଳନା କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତି ଓ ଆବଶ୍ୟକ ବୈଷୟିକ ସହାୟତା ପାଇଁ ଏକ ସ୍ୱତନ୍ତ୍ର ସେଲ୍ କିମ୍ବା ଉପଯୁକ୍ତ ପ୍ରତିଷ୍ଠାନଗତ ବ୍ୟବସ୍ଥା ଗଠନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ତୁରନ୍ତ, ମଧ୍ୟମ ଓ ଦୀର୍ଘମିଆଦୀ ପଦକ୍ଷେପଗୁଡ଼ିକୁ ସମାନ୍ତରାଳ ଭାବେ ଆଗେଇ ନେବା ସହ ଅନ୍ତଃବିଭାଗୀୟ ସମନ୍ୱୟ, ପ୍ରଭାବୀ କାର୍ଯ୍ୟାନ୍ୱୟନ ଓ ଆସନ୍ତା ଗ୍ରୀଷ୍ମ ପୂର୍ବରୁ ଜନସାଧାରଣଙ୍କୁ ଦୃଶ୍ୟମାନ ଆଶ୍ୱସ୍ତି ପ୍ରଦାନ ଉପରେ ସ୍ୱଷ୍ଟ ଧ୍ୟାନ ଦେବାକୁ ଶ୍ରୀମତୀ ପାଢ଼ୀ କହିଥିଲେ।

# ବିଭିନ୍ନ ଦାବିର ଗାନ୍ଧୀମାର୍ଗରେ ଗର୍ଜିଲେ ଗାଁସାଥୀ



ଭୁବନେଶ୍ୱର, ୨୭।୯ (ମହାଭାରତ): ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ସାରା ଓଡ଼ିଶାର ହଜାର ହଜାର ଗାଁସାଥୀ (ମେଟ୍) ସଂଘ ନିଜର ହକ୍ ପାଇଁ ଆନ୍ଦୋଳନ ଜାରି ରଖିଛନ୍ତି । ବ୍ଲକ କ୍ୟାଡର ସହିତ ମାସିକ ୧୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଦରମା, ସାମାଜିକ ସୁରକ୍ଷା, ଜି.ଆର.ଏସ୍.କୁ ପଦୋନ୍ନତି, ଦରମା ପ୍ରଦାନ ଯାଏ କାର୍ଯ୍ୟାଦେଶ ପ୍ରଦାନ, ବ୍ଲକ କ୍ୟାଡର ଘୋଷଣା ସହିତ ଦରମା ପ୍ରଦାନ ଯାଏ ସମସ୍ତ ଲିଗାଲ୍ ଗାଁସାଥୀ (ମେଟ୍)ଙ୍କୁ ଭିବିଜୀ-ରାମଜୀ ଯୋଜନାରେ ବିଧିବଦ୍ଧ 'ମେଟ୍' ଭାବେ ସରକାରୀ ଘୋଷଣା ଆଦି ବିଭିନ୍ନ ଦାବିରେ ମାଷ୍ଟରକ୍ୟାଂଟିନ୍ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଧାନସଭା ବାରିକେଟ୍ ଯାଏଁ ଯାଇଥିଲେ । ରାସ୍ତାର ଦୁଇ ପାର୍ଶ୍ୱରେ ଏକ ସ୍ୱତନ୍ତ୍ର ମାନବ ଶୃଙ୍ଖଳ ସହିତ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ, ରାସ୍ତା ସଫେଇ ଓ ମହିଳା ସଭ୍ୟାମାନଙ୍କର ଦଣ୍ଡବତ ପ୍ରଣାମ ସହ ନିଜର ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଏମାନେ ଲିଖିତ ଭାବେ ଦାବି ଜଣାଇଛନ୍ତି । ଦାବି ପୂରଣ ନ ହେବା ଯାଏଁ ଉକ୍ତ ଆନ୍ଦୋଳନ ଜାରି ରହିବ ବୋଲି ଉକ୍ତ ସଂଘର ସାଧାରଣ ସମ୍ପାଦକ ବିବେକାନନ୍ଦ ଠାକୁର ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି ।

# ଅନୁସୂଚିତ ଜାତି କଂଗ୍ରେସର ନେତୃତ୍ୱ ବିକାଶ ବୈଠକ

ଭୁବନେଶ୍ୱର, ୨୭।୯ (ମହାଭାରତ): ଓଡ଼ିଶା ପ୍ରଦେଶ କଂଗ୍ରେସର ଅନୁସୂଚିତ ଜାତି ବିଭାଗ ପକ୍ଷରୁ 'ନେତୃତ୍ୱ ବିକାଶ ମିଶନ' ଅନ୍ତର୍ଗତ ଏକ ଆଲୋଚନାଚକ୍ର ଓ ସାମ୍ବାଦିକ ସମ୍ମିଳନୀ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଅନୁଷ୍ଠିତ



ହୋଇଛି । ବିଭାଗର ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ରାଷ୍ଟ୍ରୀୟ ସଂଯୋଜକ ତଥା କର୍ଣ୍ଣାଟକର ପୂର୍ବତନ ଏମଏଲସି ଆର. ଧର୍ମସେନା ଯୋଗଦେଇଥିଲେ। ଏହି ଅବସରରେ ଧର୍ମସେନା କହିଥିଲେ ଯେ, ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସ ସରକାର ଗଠନ କରିବ। ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ବିଧାନସଭା ଓ ଲୋକସଭା ଆସନଗୁଡ଼ିକରେ କଂଗ୍ରେସ ପ୍ରାର୍ଥୀମାନେ ବିଜୟୀ ହେବେ ବୋଲି ସେ ଦୃଢ଼ ଆଶା ପ୍ରକାଶ କରିଥିଲେ। ଏଥିସହ ଜନନାୟକ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦେଶରେ କଂଗ୍ରେସ ସରକାର ଗଠିତ ହେବ ବୋଲି ସେ ଦାବି କରିଥିଲେ।

ବୈଠକରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ମୂରଲୀଧର ଜେନା, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ତଥା ପୂର୍ବତନ ସାଂସଦ ଯଶୋବନ୍ତ ସିଂହ ଲାଗୁରି, ବିଭାଗର ପୂର୍ବତନ ଅଧ୍ୟକ୍ଷ ବାଙ୍କନିଧି ବେହେରା, କର୍ଣ୍ଣାଟକର ଯୁବନେତା ମଲେଶ ବୋମାନେଲ୍ଲୁ, କର୍ଣ୍ଣାଟକ ପିସିସି ପ୍ରବକ୍ତା ଯଜାତି କେଶରୀ ନାୟକ ଏବଂ ଆଦିବାସୀ ବିଭାଗର ସାଧାରଣ ସମ୍ପାଦକ ମୋଟରାଜ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଏଥିରେ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ପ୍ରତିମା ମଲ୍ଲିକ, ଜାନକୀ ମଲ୍ଲିକ, କ୍ଷୀରୋଦ ଚନ୍ଦ୍ର ପାତ୍ର, ଆଶିଷ ମଲ୍ଲିକ, ସୁରେନ୍ଦ୍ର କୁମାର ଦାସ, କାମଦେବ ବେହେରା, ଶ୍ରୀବସ୍ତ ମଲ୍ଲିକ, ରାଜେନ୍ଦ୍ର ଜେନା, ପ୍ରକାଶ ଜେନା, ପ୍ରମୋଦ ମଲ୍ଲିକ, ସଚ୍ଚିଦାନନ୍ଦ ନାୟକ ଓ ନିମାଇଁ ଜେନାଙ୍କ ସମେତ ବିଭିନ୍ନ ଜିଲ୍ଲାର ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର, ୨୭।୯ (ମହାଭାରତ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ଜନତା ଦଳର କର୍ମୀମାନେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜିରେ ବର୍ଷାରେ ଭିଜି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ବିଜେଡି ଯୁବ ଛାତ୍ର ସଂଗଠନର ନେତୃମଣ୍ଡଳୀମାନେ ଅହୋରାତ୍ର ଧାରଣାରେ ବସିଛନ୍ତି ।

ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଆନେ୍ଦାଳନ କରିବା ସତ୍ତ୍ୱେ ଡବଲ ଇଞ୍ଜିନ ସରକାର ରାଜ୍ୟର ବିପର୍ଯ୍ୟସ୍ତ ତ୍ରୁଟିପୂର୍ଣ୍ଣ ପୁସ୍ତକରେ ସୁଧାର କରିଲେ ନାହିଁ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ଥିବା ବେଳେ ତାହା ରାଜ୍ୟ ସରକାର ପ୍ରତ୍ୟାହାର କରିଲେ ନାହିଁ । ଆସନ୍ତା କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ




ପରୀକ୍ଷା ଅନୁଷ୍ଠିତ ହେବ । ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀ ମାନେ କିପରି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି । ପୁସ୍ତକରେ ୧୬୭୮ରୁ ଅଧିକ ତ୍ରୁଟି ରହିଛି । ତ୍ରୁଟିପୂର୍ଣ୍ଣ ପୁସ୍ତକ ବାବଦରେ ରାଜ୍ୟ ସରକାର ସବୁ ଜାଣି ସୁଦ୍ଧା ମାଳ ମାଳ ତ୍ରୁଟି ଥିବା ପୁସ୍ତକ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିଛନ୍ତି । ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାପିଥିବା ପ୍ରକାଶନ ସଂସ୍ଥାକୁ ଟେଣ୍ଡର ଦେବା ପାଇଁ କେନ୍ଦ୍ରୀୟ ବିଜେପି ନେତାମାନେ ଚାପ ପ୍ରୟୋଗ କରି ନିଜ ପ୍ରକାଶନ ସଂସ୍ଥାକୁ ନେଇଥିଲେ । ଉକ୍ତ ପ୍ରକାଶନ ସଂସ୍ଥାକୁ ଟଙ୍କା ସୁରୁଖୁରୁରେ ପ୍ରଦାନ କରାଇବା ପାଇଁ ତ୍ରୁଟି ଗୁଡିକ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଥିଲେ । ପିଲା ମାନଙ୍କୁ ଅପାଠୁଆ କରିବା ପାଇଁ ପୁସ୍ତକ ଗୁଡ଼ିକରେ ମାଳ ମାଳ ତ୍ରୁଟି ରହିଛି । ପୁସ୍ତକ ପ୍ରକାଶନରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି । ଏହି ଦୁର୍ନୀତିରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସାମିଲ୍ ରହିଛନ୍ତି । ତାଙ୍କ ଇସ୍ତଫା ଦାବି କରିବା ସତ୍ତ୍ୱେ ମନ୍ତ୍ରୀ କିନ୍ତୁ ନିଜ ପଦ ଛାଡିନଥିବାରୁ ଆନେ୍ଦାଳନକୁ ଜୋରଦାର କରାଯାଇଛି । ମୁଖ୍ୟମନ୍ତ୍ରୀ ଚୁପ୍ ହୋଇ ବସିଛନ୍ତି । ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାରେ ପଛ ଘୁଞ୍ଚା ଦେଉଛନ୍ତି । ତଳତଳିଆ କର୍ମଚାରୀ ମାନଙ୍କୁ ଗିରଫ କରି ବଡ଼ ବଡ଼ିଆ ମାନଙ୍କୁ ଛାଡ଼ି ଦିଆଯାଉଛି । ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ତ୍ରୁଟି ଶୂନ୍ୟ ପୁସ୍ତକ ମିଳିପାରିଲା ନାହିଁ । ବିଜେପି ସରକାର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଜରିଆରେ ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ରାଜ୍ୟର ଭବିଷ୍ୟତ ପିଢିର ଛାତ୍ରଛାତ୍ରୀ ମାନଙ୍କ ଅଧିକାର ପାଇଁ ବିଜେଡି ଲଢେଇ ଆରମ୍ଭ କରିଛି । ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭରୁ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରି ବିଜେଡି ପକ୍ଷରୁ ବିଧାନସଭା ଭିତରେ ଏବଂ ବାହାରେ ପ୍ରବଳ ବିରୋଧ ପ୍ରଦର୍ଶନ କରାଯାଇଛି । ପ୍ରବଳ ହୋହାଲ୍ଲା କାରଣରୁ ବିଧାନସଭା ମୁଲତବୀ ରଖାଯାଇଥିଲା । ବିଜେଡି ବିଧାୟକ ମାନେ ବିଧାନସଭାରୁ ଏକ ଶୋଭାଯାତ୍ରାରେ ଆସି ଧାରଣାସ୍ଥଳରେ ପହଞ୍ଚିଥିଲେ । ବର୍ଷାରେ ଭିଜି ଭିଜି ପ୍ରତିବାଦ ପ୍ରଦର୍ଶନ କରିଥିଲେ ।

# ୫ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଡିଏନବି ସିଟ୍‌କୁ ମାନ୍ୟତା

ଭୁବନେଶ୍ୱର, ୨୭।୯ (ମହାଭାରତ): ଓଡ଼ିଶାରେ ଗୁଣାତ୍ମକ ଚିକିତ୍ସା ଶିକ୍ଷା ଓ ବିଶେଷଜ୍ଞ ଡାକ୍ତର ସୃଷ୍ଟି କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି । ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ପକ୍ଷରୁ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟକୁ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ୍ ଶିକ୍ଷା ପାଇଁ ମାନ୍ୟତା ପ୍ରଦାନ କରାଯାଇଛି । ଏହି କ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜଗତସିଂହପୁର; ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର (କୋରାପୁଟ); ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଫୁଲବାଣୀ (କନ୍ଧମାଳ); ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡ଼ାକୁ ଶିଶୁ ରୋଗରେ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିଛି । ପ୍ରତ୍ୟେକ ଅନୁଷ୍ଠାନରେ ୨ଟି ଲେଖାଏଁ ସିଟ୍, ଅର୍ଥାତ୍ ମୋଟ ୧୦ଟି ସିଟ୍ ଉପଲବ୍ଧ ହେବ।



ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜଗତସିଂହପୁର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅନୁଗୁଳକୁ ପ୍ରସୂତି ଓ ସ୍ତ୍ରୀରୋଗ ବିଜ୍ଞାନରେ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ମାନ୍ୟତା ପ୍ରଦାନ କରାଯାଇଛି । ଜଗତସିଂହପୁରରେ ୨ଟି ଏବଂ ଅନୁଗୁଳରେ ୧ଟି ସିଟ୍ ରହିବ। ଏହା ସହିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ୍, କୋରାପୁଟକୁ ଆନାସ୍ଥେସିଓଲୋଜି ଓ ମେଡ଼ିସିନରେ ମୋଟ ୪ଟି ଡିଏନବି ସିଟ୍ ପାଇଁ ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିଛି । ଏହି ଉପଲବ୍ଧି ଫଳରେ ରାଜ୍ୟର ଜିଲ୍ଲାସ୍ତରୀୟ ଚିକିତ୍ସାଳୟଗୁଡ଼ିକରେ ବିଶେଷଜ୍ଞ ଡାକ୍ତର ତିଆରି ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟର ଦୁର୍ଗମ ଓ ଅପହଂଚ ଅଂଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବାରେ ଏହା ସହାୟକ ହେବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, "ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ସରକାରୀ ଚିକିତ୍ସାଳୟଗୁଡ଼ିକୁ ଉଚ୍ଚମାନର ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣର କେନ୍ଦ୍ର ଭାବେ ବିକଶିତ କରିବା ଆମ ସରକାରଙ୍କର ପ୍ରମୁଖ ଲକ୍ଷ୍ୟ। ଜଗତସିଂହପୁର, କୋରାପୁଟ, କନ୍ଧମାଳ, ଢେଙ୍କାନାଳ, ରାୟଗଡ଼ା ଓ ଅନୁଗୁଳର ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକୁ ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିବା ଏହି ଦିଗରେ ଏକ ଉତ୍ସାହଜନକ ପଦକ୍ଷେପ। ଏହା ଦ୍ୱାରା ରାଜ୍ୟରେ ବିଶେଷଜ୍ଞ ଡାକ୍ତର ସୃଷ୍ଟି ପାଇଁ ଅଧିକ ସୁଯୋଗ ମିଳିବ ଏବଂ ଆଗାମୀ ଦିନରେ ଲୋକଙ୍କ ନିକଟରେ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।" ସେ ଏହି ସଫଳତା ପାଇଁ ସମ୍ପୃକ୍ତ ମେଡିକାଲ୍ କଲେଜ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡାକ୍ତର, ନର୍ସିଂ ଅଧିକାରୀ ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍ଆଇ ଡାକ୍ତରଖାନା ପାଇଁ ଦାବି

ଭୁବନେଶ୍ୱର, ୨୭।୯ (ମହାଭାରତ): ପ୍ରସ୍ତାବିତ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍ଆଇ ଡାକ୍ତରଖାନା, ଯାଜପୁର ରୋଡ ଧାମରା ରେଳପଥ ନିର୍ମାଣ, ଚଣ୍ଡିଖୋଲ ତୈଳ ବିଶୋଧନାଗାର ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ଯାଜପୁର ରୋଡ ଠାରେ ଶ୍ରୀ ନିରଞ୍ଜନ ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବୈଠକରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି ।

ଅନ୍ୟପକ୍ଷରେ ଦୀର୍ଘଦିନ ଧରି ବନ୍ଦ ପଡିଥିବାମେସ୍କୋ କାରଖାନା ଚାଲୁ କରିବା,ମେସ୍କୋରୁ ଅବସର ପ୍ରାପ୍ତ ୩୦ଜଣ କର୍ମଚାରୀ ଓ ୧୫ ଜଣ ମୃତ କର୍ମଚାରୀଙ୍କ ସମସ୍ତ ପାଉଣା ପୈଠ କରିବା, ଟାଟା ଜିନ୍ଦଲ, ନିଳାଚଳ ଫେରୋକ୍ରମ ପ୍ଲାଂଟରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କୁ ଶ୍ରମ ଆଇନ ଅନୁଯାୟୀ ନିଯୁକ୍ତିପତ୍ର, ପରିଚୟ ପତ୍ର,ୱେଜ ସ୍ଲିପ୍‌ଦେବା,ପ୍ରୋଭିଡେଂଟ ଫଣ୍ଡ ଇଏସ୍ଆଇର ଭୁକ୍ତାନ ରସିଦ ଦେବା ପ୍ରତ୍ୟେକ ମାସ ଦରମା ୬ ତାରିଖ ପୂର୍ବରୁଦେବା ଏବଂ ସମସ୍ତ ଠିକା ଶ୍ରମିକମାନଙ୍କୁ ଅବସର ସମୟରେ ଗ୍ରାଚ୍ୟୁଇଟିଦେବା ଏବଂ ସର୍ବନିମ୍ନ ମଜୁରୀ ମାସକୁ ୨୬ ହଜାର ଟଙ୍କା ଦେବା ପାଇଁ ଦାବୀ କରି ପ୍ରସ୍ତାବ ଗୃହିତ ହୋଇଛି । ସୁକିନ୍ଦା ଅଂଚଳରେ ଖଣି ଉତୋଳନ ଓ ଶିଳ୍ପାୟନ ହେତୁ ଜଳ ବାୟୁ ଦୁଷିତ ହେବା ଫଳରେ କିଡ୍ନି ରୋଗ ଓ ଅନ୍ୟାନ୍ୟ ଶ୍ୱାସ ଜନିତ ରୋଗରେ ଅଧିକ ଲୋକ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଥିବାରୁ ଯାଜପୁର ରୋଡ ସୁକିନ୍ଦା ଅଂଚଳରେ ପରିବେଶ ସୁରକ୍ଷା ପାଇଁ କଠୋର ପଦକ୍ଷେପ ନେବାଓ ପୂର୍ବ ପ୍ରସ୍ତାବିତ ଜିନ୍ଦଲ ଡାକ୍ତରଖାନାଛୋଟାପୁର ଠାରେ ନିର୍ମାଣ କରିବା ପାଇଁ ଦାବୀ କରାଯାଇଛି । ଯାଜପୁର ରୋଡ ଅଂଚଳରେ ଶିଳ୍ପପତିମାନଙ୍କର ମିଳିତ ଉଦ୍ୟମରେ ଏକ ଉଚ୍ଚମାନର ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବା ପାଇଁ ଡ. ଖୁଂଟିଆ ଦାବୀ କରିଛନ୍ତି । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଂଗଠନ ସମ୍ପାଦକ ସନ୍ତୋଷ ନନ୍ଦ, ସୁଧାନିଧି ମହାପାତ୍ର, ଦିନବନ୍ଧୁ ଖୁଂଟିଆ, ମାନସ କର, ମେସ୍କୋର ଗଣେଶ ନାୟକ, ରଞ୍ଜନ ନାୟକ, ନାରଣ ନାୟକ, ମଧୁସୁଦନ ଜେନା, ରାଜକିଶୋର ଦାସ, ପରମାନନ୍ଦ ସେଠୀ, ଦୀନବନ୍ଧୁ ଖୁଂଟିଆ, ଭରତ ପରିଡାପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଓଡ଼ିଆ ପିଜିଟି ଶିକ୍ଷକଙ୍କ ତାଲିମ୍ କର୍ମଶାଳା

ଭୁବନେଶ୍ୱର, ୨୭।୯ (ମହାଭାରତ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ତାଲିମ୍ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ପ୍ରାୟ ୧୦୦ ଜଣ ଓଡ଼ିଆ ବିଷୟର ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ତାଲିମ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦଘାଟନୀ ଅଧିବେଶନରେ ପିଏମ୍-ପୋଷଣ ଷ୍ଟେଟ୍ ନୋଡାଲ୍ ଅଫିସର୍ ଶ୍ରୀ ଭବାନୀ ପ୍ରସାଦ ମିଶ୍ର, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ଶ୍ରୀମତୀ ନିୟତି ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ପିଏମ୍-ପୋଷଣ ଷ୍ଟେଟ୍ ନୋଡାଲ୍ ଅଫିସର୍ ଶ୍ରୀ ମିଶ୍ର ଶିକ୍ଷକମାନଙ୍କୁ ଛାତ୍ରଛାତ୍ରୀମାନଙ୍କର ଆଦର୍ଶ ହେବାକୁ କହିଥିଲେ । ସେ କହିଛନ୍ତି, ଶିକ୍ଷକଙ୍କ ଦକ୍ଷତାକୁ ଚିହ୍ନି ଏହାର ଉପଯୋଗିତାକୁ ବୁଝିବା ହେଉଛି ତାଲିମ୍ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏଥିସହ ଛାତ୍ର ଓ ଶିକ୍ଷକ ମଧ୍ୟରେ ରହୁଥିବା ବ୍ୟବଧାନକୁ ଚିହ୍ନଟ କରି ଏହାର ସମାଧାନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ ଉଦବୋଧନ ଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସର୍ବଦା ଜ୍ଞାନ ଆହରଣ ପ୍ରକ୍ରିୟା ଜାରି ରଖିବାକୁ ଉପଦେଶ ଦେଇଛନ୍ତି । ଶିକ୍ଷା ଦେବା ନିମନ୍ତେ ନିଜେ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି।

ସେହିପରି ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି ସ୍ୱାଗତ ଅଭିଭାଷଣ ରଖିବା ସହ ପାଂଚ ଦିନିଆ ତାଲିମ୍ କର୍ମଶାଳାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପନିର୍ଦ୍ଦେଶିକା ସି.ଏଚ୍.ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବର୍ଜ୍ୟ ସଂଗ୍ରହ ପାଇଁ ଆସିବ ବ୍ୟାଟେରୀ ଚାଳିତ ଗାଡି

ଭୁବନେଶ୍ୱର, ୨୭।୯ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମର ୪୪ ତମ ସାଧାରଣ ବୈଠକ ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଶ୍ରୀମତୀ ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା, ସିଟି ଇଂଜିନିୟର ପ୍ରଫୁଲ୍ଲ କୁମାର ରଇତ ପ୍ରମୁଖ ମଂଚାସୀନ ଥିଲେ । ଏହି ବୈଠକରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧକ୍ଷା, ଅଧ୍ୟକ୍ଷ, କର୍ପୋରେଟର, ବିଏମ୍‌ସିର ସମସ୍ତ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ ।

ପ୍ରଥମେ ଷ୍ଟାଣ୍ଡିଂ କମିଟିଙ୍କ ଦ୍ୱାରା ଅନୁମୋଦନ ଲାଭ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । ପରେ ଗତ ସଭାର ବିବରଣୀ ପାଠ ସହ କାର୍ଯ୍ୟାନ୍ୱୟ ସଂପର୍କରେ ଆଲୋଚନା ହୋଇଥିଲା । ଏହା ପରେ ପ୍ରଶ୍ନୋତ୍ତର ଏବଂ ପରେ କର୍ପୋରେଟର ଓ ବିଭିନ୍ନ ଉପବିଭାଗୀୟ ଅଧିକାରୀଙ୍କଠାରୁ



ଆସିଥିବା ପ୍ରସ୍ତାବ ଉପରେ ବିସ୍ତୃତ ଭାବେ ଆଲୋନଚା କରାଯାଇଥିଲା ।

ବୈଠକରେ ମୁଖ୍ୟତଃ ବିଭିନ୍ନ ସ୍ଥାନରେ ବିପଦ ସଂକୁଳ ଅବସ୍ଥାରେ ରହିଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ଟିପିସିଡିଓଏଲ ତୁରନ୍ତ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଯେଉଁ ଅଂଚଳରେ ବିଦ୍ୟୁତ୍ ଆଲୋକ ଜଳୁ ନାହିଁ, ସେଗୁଡିକୁ ତୁରନ୍ତ ମରାମତି କରିବା ପାଇଁ ମେୟର ବିଏମ୍‌ସିର ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଯେଉଁମାନେ ୪୦ ପ୍ରତିଶତ କମରେ ଟେଣ୍ଡର ନେଉଛନ୍ତି, ସେମାନେ କାମ କରିବା ପୂର୍ବରୁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଦେବେ ବୋଲି କୁହାଯାଇଛି । ସେହିପରି ବିପଦ ସଂକୁଳ ଅବସ୍ଥାରେ ଥିବା ଯାତ୍ରୀ ନିବାସ ଏବଂ ଚନ୍ଦ୍ରଶେଖରପୁର କଲ୍ୟାଣମଣ୍ଡପର ନବୀକରଣ ସଂପର୍କରେ ମଧ୍ୟ ଆଲୋଚନା ହୋଇଛି । ପାଇକରାପୁର ରାସ୍ତା କାମ ଏବଂ ମୂର୍ତ୍ତି ବିସର୍ଜନ ପାଇଁ ଖୋଳାଯାଇଥିବା ଅସ୍ଥାୟୀ ପୁଷ୍କରିଣୀ କାର୍ଯ୍ୟର ସମୀକ୍ଷା କରାଯିବ ବୋଲି କହିଛନ୍ତି ମାନନୀୟା ମେୟର । ପୂଜା ପୂର୍ବରୁ ରାସ୍ତା ମରାମତି କାର୍ଯ୍ୟ ପାଇଁ ପ୍ରତି ୱାର୍ଡକୁ ୫ ଲକ୍ଷ ଲେଖାଏଁ ଟଙ୍କା ଦେବା ସଂପର୍କରେ ଆଲୋଚନା କରାଯାଇଛି । ବିଏମ୍‌ସି ପରିବେଶ ବିଭାଗ ପକ୍ଷରୁ ବିଭିନ୍ନ ରାସ୍ତାକୁ ବଢିଥିବା ଗଛର ଡାଳ କାଟିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

ସଫେଇ କାର୍ଯ୍ୟକୁ ଜୋରଦାର କରିବା ପାଇଁ ୨୦୦ ରୁ ଅଧିକ ବ୍ୟାଟେରୀ ଚାଳିତ ଗାଡି ଆସିବ । ଏହି ସବୁ ଗାଡି ଘରକୁ ଘର ବର୍ଜ୍ୟ ସଂଗ୍ରହ କାର୍ଯ୍ୟରେ ଲାଗିବ । ଏଜେନ୍ସିମାନେ ସେହି ଗାଡି କ୍ରୟ ଏବଂ ରକ୍ଷଣାବେକ୍ଷଣ କରିବେ ବୋଲି ଆଜିର ବୈଠକରେ କୁହାଯାଇଛି ।

ବେନିୟମ ଭାବେ ଲାଗିଥିବା ଏବଂ ୪୦ ଫୁଟରୁ ଅଧିକ ହୋଇଥିବା ହୋର୍ଡିଂଗୁଡିକୁ ତୁରନ୍ତ ହଟାଇବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି । ସେହିପରି ଏଜି ଛକରୁ ଲୋକସେବା ଭବନ ଦେଇ ହାଉସିଂ ବୋର୍ଡ ଛକ ପର୍ଯ୍ୟନ୍ତ ରାସ୍ତାରୁ ଅସ୍ଥାୟୀ ହୋର୍ଡିଂ ସବୁ ହଟାଇବା ସହ ସଂପୃକ୍ତ ଅଂଚଳକୁ "ନୋ ହୋର୍ଡିଂ ଜୋନ୍" ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆ କରାଯାଇଛି।

# ଟ୍ରମ୍ପ ଅଯୋଗ୍ୟ ରାଷ୍ଟ୍ରପତି

ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବାକୁ ଅଯୋଗ୍ୟ। ଯୁଦ୍ଧ ଯୋଗୁ ଗତ ୬ମାସ ଭିତରେ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। କେବଳ ଇରାନ ନୁହେଁ, ସମଗ୍ର ଉପସାଗରୀୟ ଅଞ୍ଚଳ, ଆମେରିକା ଓ ଇସ୍ରାଏଲ ମଧ୍ୟ ଏହା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଶହ ଶହ ଲୋକ ପ୍ରାଣ ହରାଇଛନ୍ତି। ଅନେକ ଧନ ସମ୍ପତ୍ତି ନଷ୍ଟ ହୋଇଛି। ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ଏହାକୁ ଯୁଦ୍ଧରେ ସହଯୋଗ କରୁଥିବା ଉପସାଗରୀୟ ରାଷ୍ଟ୍ର ଏବଂ ଇରାକ୍, ଜୋର୍ଡାନ, ତୁର୍କୀ ଆଦ ଅନେକ ଦେଶ ଉପରେ ଆକ୍ରମଣ କରିଛି। ଯାହାର ଯୁଦ୍ଧ ସହିତ କୌଣସି ସମ୍ପର୍କ ନାହିଁ, ସେମାନେ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ସାଉଦୀ ଆରବ, ୟୁଏଇ, କୁଏତ, କାଟାର, ବାହାରିନ, ଓମାନ ଆଦି ଦେଶର ତୈଳ ସମ୍ପଦ ବା ଇନ୍ଧନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଇରାନର ମଧ୍ୟ ଅନେକ ତୈଳ ଭଣ୍ଡାର ନଷ୍ଟ ହୋଇଛି। ଅନେକ ତୈଳ ଭଣ୍ଡାର ଏବଂ ଗ୍ୟାସ ଟର୍ମିନାଲରେ ନିଆଁ ଲାଗିଛି। ସାଉଦୀ ଆରବର ସବୁଠାରୁ ବଡ଼ ତୈଳ ରିଫାଇନାରୀ ଆରାମକୋରେ ନିଆଁ ଲାଗିଯିବା ଫଳରେ ସେଠାରୁ ଉତ୍ପାଦନ ବ୍ୟାହତ ହୋଇଛି। ବାହାରିନସ୍ଥିତ ବିଶ୍ୱର ସର୍ବ ବୃହତ ଏଲୈଲପିଜି ଟର୍ମିନାଲର ବ୍ୟାପକ କ୍ଷୟକ୍ଷତି ହୋଇଛି ଯାହାକୁ ଭରଣା କରିବା ନିମନ୍ତେ ୫ ବର୍ଷ ସମୟ ଲାଗିଯିବ। ଇରାନର ଅଏଲ ଜଙ୍କସନ ଭାବେ ପରିଚିତ ଖାର୍ଗ ଦ୍ୱୀପ ଆମେରିକା ଆକ୍ରମଣରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏସବୁ ତୈଳ ସମ୍ପଦ ବା ଗ୍ୟାସ କୌଣସି ନିର୍ଦ୍ଦିଷ୍ଟ ଦେଶର ସମ୍ପତ୍ତି ନୁହେଁ, ଏହା ସମଗ୍ର ମାନବ ଜାତିର ସମ୍ପତ୍ତି ଏବଂ ସମଗ୍ର ବିଶ୍ୱ କଲ୍ୟାଣ ଲାଗି ଉଦ୍ଦିଷ୍ଟ। ଦୁର୍ଭାଗ୍ୟର ବିଷୟ ହେଲା ଯୁଦ୍ଧରେ ଉଭୟ ପକ୍ଷ ଏହି ମୌଳିକ ନୀତିକୁ ଉଲ୍ଲଙ୍ଘନ କରିଛନ୍ତି। ଯୁଦ୍ଧରେ ନିରୀହ, ନିରପରାଧ ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିବନି କିମ୍ବା ସର୍ବସାଧାରଣ ସ୍ଥାନକୁ ଟାର୍ଗେଟ କରିବ ନାହିଁ। ଭିତ୍ତିଭୂମି ଏବଂ ଏନର୍ଜି ସେକ୍ଟରକୁ ନଷ୍ଟ କରିବନି। କେବଳସାମରିକ କେନ୍ଦ୍ର ଉପରେ ଆକ୍ରମଣକୁ ସୀମିତ ରଖିବା ହେଉଛି ଅନ୍ତର୍ଜାତୀୟ ଯୁଦ୍ଧ ନିୟମ। କିନ୍ତୁ ଇସ୍ରାଏଲ ପ୍ରଥମେ ଏହି ନିୟମ ଉଲ୍ଲଙ୍ଘନ କଲା। ପରେ ସବୁ ପକ୍ଷ ଏହାକୁ ପରିହାର କଲେ। ଇରାନର ଏକ ସ୍କୁଲ ଉପରେ ବୋମା ମାଡ଼ ଯୋଗୁ ୧୮୦ରୁ ଅଧିକ ପ୍ରାଣ ହରାଇଲେ। ଇରାନରେ ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି । ସେମାନଙ୍କୁ ହତ୍ୟା ଅମାନବୀୟ। ଇରାନ ମଧ୍ୟ କିଛି କମ ନୁହେଁ। ଉପସାଗରୀୟ ଦେଶର ଅନେକ ଭିତ୍ତିଭୂମି, ଏନର୍ଜୀ ସେକ୍ଟରକୁ ଇରାନ ଧ୍ୱଂସ କରିଛି। ଅନେକ ସାଧାରଣ ଜନତା ନିହତ ହୋଇଛନ୍ତି। ଦୁବାଇ, ଆବୁଧାବି, ରିୟାଦ ଆଦି ବଡ଼ ବଡ଼ ସହରର ଅନେକ ବଡ଼ ବଡ଼ କୋଠା ଧ୍ୱଂସ ହେବା ସହିତ ସେଠାରେ ବାଣିଜ୍ୟ କାରବାର ବନ୍ଦ ହୋଇଯାଇଛି। ଆମେରିକା ମଧ୍ୟ ଏହି ଯୁଦ୍ଧରେ ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଙ୍ଘନ କରିଛି। ବିଶ୍ୱର ସବୁଠାରୁ ଶକ୍ତିଶାଳି ରାଷ୍ଟ୍ର ବୋଲଇ ଦାବି କରୁଥିବା ଆମେରିକା ନିକଟରେ ଏହା ଶୋଭା ପାଉନି। ଏବେ ସ୍ୱୀକାର କରିବାକୁ ପଡ଼ିବ ଯେ, ଯୁଦ୍ଧରେ ଆମେରିକା ମଧ୍ୟ ବିପୁଳ କ୍ଷତି ସହିଛି। ଏହାର ଅନେକ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଏହି ଯୁଦ୍ଧ ଯୋଗୁ ଆମେରିକାର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି। ଫଳରେ ନିଜ ଦେଶରେ ଟ୍ରମ୍ପ ପ୍ରବଳ ସମାଲୋଚନାର ଶିକାର ହୋଇଛନ୍ତି। ତାଙ୍କ ଲୋକପ୍ରିୟତା ରସାତଳଗାମୀ ହୋଇଛି। ପୂର୍ବରୁ ବିଶ୍ୱର ଅନ୍ୟାନ୍ୟ ଦେଶ ଟ୍ରମ୍ପଙ୍କୁ ନିନ୍ଦା କରୁଥିଲେ, ଘୃଣା କରୁଥିଲେ। ଏବେ ଖୋଦ ଆମେରିକାର ସାଧାରଣ ନାଗରିକମାନେ ଟ୍ରମ୍ପଙ୍କ ଉତ୍ପାତରୁ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି। ହର୍ମୁଜ ପ୍ରଣାଳୀ ଏ ଯାବତ ମୁକ୍ତ ହୋଇପାରିନାହିଁ। ଅସଲ କଥା ହେଲା ଇରାନ ହର୍ମୁଜ ପ୍ରଣାଳୀକୁ ଅବରୋଧ କରିବା ଫଳରେ ଆମେରିକାର ବୁଦ୍ଧି ହଜିଗଲା। କାରଣ ଏହି ରୁଟ ଦେଇ ବିଶ୍ୱର ସର୍ବାଧିକ ଇନ୍ଧନ ରପ୍ତାନୀ ହୋଇଥାଏ। ଏହା ହେଉଛି ତୈଳ ସମୃଦ୍ଧ ମଧ୍ୟପ୍ରାଚ୍ୟର ତୈଳ କାରବାର ଲାଗି ଏକମାତ୍ର ରାସ୍ତା। ଏହା ଇରାନ ନିକଟରେ ରହିଛି। ଏହାକୁ ଅବରୋଧ କରିବା ଫଳରେ ବିଶ୍ୱରେ ହାହାକାର ପଡ଼ିଗଲା।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**

**ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।**

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଡ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ ସେ ସମୟ ମଧରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗଙ୍କୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ଘେରାଏ ପୃଥିବୀର ଅସରନ୍ତି ମଣିଷ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଲଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଲଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଙ୍ଗମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଚାଲିଛି ନିକର" (ଲେଖକ-ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଅଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଳୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ଼୍‌ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଚାଲି ଚାଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖୁନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ" । ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଲଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି !

**ବିଷମ କଟକ, ରାୟଗଡ**


# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

**॥ ବାଦଲ ଭୂୟାଁ ॥**

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜ୍ଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫



# ରାଇଜ କଥା



ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଅଙ୍ଗନୱାଡ଼ିରେ ଖେଳିଲା ହସ, ପୋଷଣର ବାର୍ତ୍ତା ନେଇ ଗାଁରେ 'ଆଙ୍ଗନ୍ କା ଉତ୍ସବ'"

ରାଇଘର, (ମହାଭାରତ) : ଅଙ୍ଗନୱାଡ଼ି କେନ୍ଦ୍ର କେବଳ ଶିଶୁଙ୍କ ପାଠପଢ଼ା କିମ୍ବା ପୋଷଣର ସ୍ଥାନ ନୁହେଁ, ଏହା ଗାଁର ଛୋଟ ଛୋଟ ଶିଶୁଙ୍କ ସ୍ୱପ୍ନ ଓ ହସର ଏକ ନିରାପଦ ଠିକଣା। ସେହି ହସକୁ ଆହୁରି ଉଜ୍ଜ୍ୱଳ କରିବା ସହ ପୋଷଣ, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିବାରର ସହଭାଗିତାକୁ ନେଇ ଉତ୍ସବମୁଖର ହୋଇଉଠିଛି ରାଇଘର ବ୍ଲକର ଛେଳିଡଙ୍ଗରୀ ପଞ୍ଚାୟତ। ମହିଳା ଓ ଶିଶୁ ବିକାଶ ବିଭାଗର 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ 'ଆଙ୍ଗନ୍ କା ଉତ୍ସବ' ଅବସରରେ ପଞ୍ଚାୟତର ୨୩ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଶିଶୁଙ୍କ ମୁହଁରେ ହସ, ମା'ମାନଙ୍କ ମନରେ ପୋଷଣର ସଚେତନତା ଏବଂ ଗାଁରେ ଏକତାର ପରିବେଶ ଏହି ତିନିଟିକୁ ନେଇ ଜମିଥିଲା ଉତ୍ସବର ମାହୋଲ। ଉତ୍ସବରେ ସ୍ଥାନୀୟ ଓ ପୋଷଣସମୃଦ୍ଧ ଖାଦ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ମାଣ୍ଡିଆ ସମେତ ବିଭିନ୍ନ ସ୍ଥାନୀୟ ଖାଦ୍ୟ ପ୍ରସ୍ତୁତି, ପୋଷଣମୂଳକ ଖାଦ୍ୟ ପ୍ରଦର୍ଶନୀ ଓ ସୁସ୍ଥ ଖାଦ୍ୟ ଅଭ୍ୟାସ ନେଇ ସଚେତନତକରାଯାଇଥିଲା। ଗର୍ଭବତୀ ମହିଳା, ପ୍ରସୂତି ମା' ଓ ଶିଶୁଙ୍କ ପାଇଁ ସନ୍ତୁଳିତ ଖାଦ୍ୟ କେତେ ଜରୁରୀ, ସେନେଇ ମଧ୍ୟ ଅଭିଭାବକଙ୍କୁ ବୁଝାଇଥିଲେ ଅଙ୍ଗନୱାଡ଼ି କର୍ମୀମାନେ।କେବଳ ପୋଷଣ ନୁହେଁ, ଶିଶୁଙ୍କ ମୁହଁରେ ହସ ଫୁଟାଇବାକୁ ଖେଳକୁଦ, ଚିତ୍ରାଙ୍କନ, ଗୀତ, ନୃତ୍ୟ, କବିତା ପାଠ ଭଳି ବିଭିନ୍ନ ମନୋରଞ୍ଜନମୂଳକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଛୋଟ ଛୋଟ ପାଦରେ ଦୌଡ଼, ନିରୀହ ହସ ଓ ନିଜ ପ୍ରତିଭା ଦେଖାଇବାର ଉତ୍ସାହରେ ଅଙ୍ଗନୱାଡ଼ି ପରିସର ହୋଇଉଠିଥିଲା ଜୀବନ୍ତ।ଏହି ଅବସରରେ ଶିଶୁମାନଙ୍କୁ ପରିବାରର ବୃଦ୍ଧ ସଦସ୍ୟଙ୍କ ସହ ଯୋଡ଼ିବା ପାଇଁ ଲୋକକଥା, ନୀତିକଥା ଓ ପାରମ୍ପରିକ ଜ୍ଞାନ ଆଧାରିତ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ଜେଜେବାପା-ଜେଜେମାଙ୍କ ମୁହଁରୁ ଗପ ଶୁଣି ଶିଶୁମାନେ ନିଜ ମାଟି, ପରମ୍ପରା ଓ ସଂସ୍କୃତି ସହ ଯୋଡ଼ିବାର ସୁଯୋଗ ପାଇଥିଲେ।ଏହାସହ ବିଭିନ୍ନ ସରକାରୀ ଯୋଜନା ଓ ଶିଶୁ-ମହିଳା କଲ୍ୟାଣ ସମ୍ପର୍କରେ ମଧ୍ୟ ସଚେତନତା କରାଯାଇଥିଲା। ଯୋଗ୍ୟ ହିତାଧିକାରୀମାନେ କିପରି ଯୋଜନାର ସୁବିଧା ପାଇପାରିବେ, ସେନେଇ ଆବଶ୍ୟକ ସୂଚନା ଦିଆଯାଇଥିଲା। ଶିଶୁଙ୍କ ନିୟମିତ ଉପସ୍ଥାନ, ସ୍ୱଚ୍ଛତା, ଟିକାକରଣ, ବୃଦ୍ଧି ନିରୀକ୍ଷଣ ଓ ପ୍ରାରମ୍ଭିକ ଶିକ୍ଷା ଉପରେ ମଧ୍ୟ ଅଭିଭାବକଙ୍କୁ ସଚେତନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁପରଭାଇଜର ସରିତା ଜେନାଙ୍କ ସମନ୍ୱୟରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ ଭୂମିକା ରହିଥିଲା। ଅଭିଭାବକ, ଶିଶୁ ଓ ସମୁଦାୟର ସହଭାଗିତାରେ ପଞ୍ଚାୟତର ୨୩ଟି କେନ୍ଦ୍ରରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା।ଅଙ୍ଗନୱାଡ଼ିର ଏହି ଉତ୍ସବ କେବଳ ତିନିଦିନର ଏକ କାର୍ଯ୍ୟକ୍ରମ ନୁହେଁସଏହା ଶିଶୁଙ୍କ ହସକୁ ସୁରକ୍ଷିତ ରଖିବା, ମା'ଙ୍କ ପୋଷଣକୁ ସୁଦୃଢ଼ କରିବା ଏବଂ ଆଗାମୀ ପିଢ଼ିର ସୁସ୍ଥ ଭବିଷ୍ୟତ ପାଇଁ ଗାଁ ସମାଜକୁ ଏକାଠି କରିବାର ଏକ ପ୍ରୟାସ। ଯେଉଁ ଅଙ୍ଗନୱାଡ଼ି ପରିସରରେ ଆଜି ଶିଶୁଙ୍କ ହସ ଶୁଭୁଛି, ସେହି ହସ ହିଁ ଆସନ୍ତାକାଲିର ସୁସ୍ଥ, ସଚେତନ ଓ ସଶକ୍ତ ସମାଜର ଆଶା।

## କେନାଲ ପାଣିରେ ବୁଡି ମହିଳାଙ୍କ ମୃତ୍ୟୁ

ପାଟଣା, (ମହାଭାରତ) : କେନାଲ ପାଣି ରେ ବୁଡି ମହିଳା ଙ୍କ ମୃତ୍ୟୁ । ଏପରି ଘଟଣା କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ତୋରାଣି ପୋଖରୀ ପଂଚାୟତ ଅନ୍ତର୍ଗତ ଦ୍ୱାରିକା ପଶି ରେ ଘଟି ଛି। ମୃତକ ଜଣକ ଜୟସିଂହ ମୁଣ୍ଡା ଙ୍କ ପତ୍ନୀ ଚମ୍ପା ମୁଣ୍ଡା ବୋଲି ଜଣାପଡି ଛି। ସୂଚନା ରୁ ପ୍ରକାଶ ଦିବା ୧୧.୩୦ଟା ସମୟରେ ଚମ୍ପା ନିକଟସ୍ଥ କେନାଲ କୁ ଗାଧେଇ ବାକୁ ଯାଇ ଥିବା ବେଳେ କୌଣସି କାରଣ ରୁ ଗୋଡ ଖସି ଯିବା ଫଳରେ ପାଣି ରେ ବୁଡି ଯାଇ ଥିଲେ। ଚମ୍ପା ଘର କୁ ନ ଫେରିବା ବାରୁ ଘର ଲୋକେ ଖୋଜା ଖୋଜି କରି ଥିଲେ। ସ୍ଥାନୀୟ ଲୋକେ କେନାଲ କୁ ଗାଧେଇ ବାକୁ ଯାଇ ଦେଖି ତ ଚମ୍ପା ପାଣି ଭିତରେ ବୁଡି ରହି ଦେଖି ଘର ଲୋକ ଙ୍କୁ ଖବର ଦେଇ ଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ କେନାଲ ରୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ଚମ୍ପା କୁ ମୃତ ଘୋଷଣା କରିଛନ୍ତି। ଘଟଗାଁ ପୋଲିସ ଖବର ପାଇ ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

## ସୁନା ଦୋକାନରୁ ଲୁଟ ଘଟଣା- ଅଭିଯୁକ୍ତ ଗିରଫ

ପାରାଦୀପ, (ମହାଭାରତ): ପାରାଦୀପ ଉପକଣ୍ଠ ଅଠରବାଙ୍କୀ ନିକଟସ୍ଥ ତାରିଣୀଗଡାରେ ଥିବା ଏକ ସୁନା ଦୋକାନରୁ ଲୁଟ ଘଟଣାରେ ପାରାଦୀପ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ରବିବାର ଦିନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲା ଏସପି ଅଙ୍କିତ ବର୍ମା । ଘଟଣାରୁ ପ୍ରକାଶ ଯେ, ତାରିଣୀଗଡାଠାରେ ଥିବା ସନ୍ଧାନ ଜୁଏଲାରୀରୁ ଜନୈକ ଅଭିଯୁକ୍ତ ପଲସର ୨୨୦ ବାଇକ୍ ରେ ଆସି ଦୋକାନରେ ଥିବା ମହିଳା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୨୩ଟି ସୁନା ମୁଦି ଲୁଟି ନେଇ ଫେରାର ହୋଇଯାଇଥିଲେ । ଲୁଟ୍ ସମ୍ପର୍କରେ ମାଲିକ କଟକ ତୁଳସିପୁର ଅଂଚଳର ତାରେସ୍ୱର ମହାରଣା ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ୍ ସିସିଟିଭି ଫୁଟେଜ୍ ଆଧାରରେ ବିଭିନ୍ନ ସ୍ଥାନରେ ଚଢାଉ କରି ବାଲେଶ୍ୱର ଜିଲ୍ଲା ସିଙ୍ଗଲା ଥାନା ଅନ୍ତର୍ଗତ ସେନ୍ଦିରି ଗ୍ରାମର ପୁର୍ନାନନ୍ଦ ସାହୁଙ୍କ ପୁଅ ତୁଷାର କୁମାର ସାହୁ (୨୬)ଙ୍କୁ ଗିରଫ କରିବାରେ ସଫଳ ହୋଇ ଥିବା ନେଇ ଏସପି ସୂଚନା ଦେଇଛନ୍ତି । ଅଭିଯୁକ୍ତ ପାରାଦୀପଠାରେ ଏକ କମ୍ପାନୀରେ କାମ କରୁଥିବା ନେଇ ସୂଚନା ମିଳିଛି । ରବିବାର ଦିନ ଏହି ସାମ୍ବାଦିକ ସମ୍ମିଳନୀରେ ପାରାଦୀପର ଭାରପ୍ରାପ୍ତ ଡିଏସପି, ପାରାଦୀପ ଆଦର୍ଶ ଥାନା ଓ ପାରାଦୀପ ଲକ୍ ଥାନା ଅଧିକାରୀ ଉପସ୍ଥିତ ଥିଲେ ।

## କୁଆଁରିଆ ଡ୍ୟାମ ପରିସରରେ ସଫେଇ ଅଭିଯାନ

ଦଶପଲ୍ଲା,୨୭/୦୯ (ମହାଭାରତ): ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଦଶପଲ୍ଲା ବ୍ଲକ ଓ ଏନଏସି ପ୍ରଶାସନର ମିଳିତ ଆନୁକୂଲ୍ୟରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଏକ ବ୍ୟାପକ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଞ୍ଚାୟତର ରୟତ ଓଡ଼ଶର ନିକଟସ୍ଥ ପ୍ରସିଦ୍ଧ କୁଆଁରିଆ ଡ୍ୟାମ୍ ପର୍ଯ୍ୟଟନସ୍ଥଳୀରେ ସ୍ୱତନ୍ତ୍ର ପରିମଳ ଓ ସଫେଇ ଅଭିଯାନ ହାତକୁ ନିଆଯାଇଥିଲା। ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ସ୍ୱଚ୍ଛ, ନିର୍ମଳ ଓ ସୁନ୍ଦର ରଖିବା ସହିତ ପରିବେଶ ସୁରକ୍ଷା ଦିଗରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି। ଏହି ସଫେଇ କାର୍ଯ୍ୟକ୍ରମରେ ଦଶପଲ୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ୍, ଏନଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସଫେଇ କାର୍ଯ୍ୟର ନେତୃତ୍ୱ ନେଇଥିଲେ। ଏଥିସହ ଏନଏସିର ସମସ୍ତ ସ୍ୱଚ୍ଛ ସାଥୀ ଓ କର୍ମଚାରୀମାନେ ସାମିଲ ହୋଇ ଡ୍ୟାମ୍ ପରିସରରେ ପଡ଼ିରହିଥିବା ଆବର୍ଜନା ସଫା କରିଥିଲେ। ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରଖିବା କେବଳ ପ୍ରଶାସନର ନୁହେଁ, ବରଂ ସ୍ଥାନୀୟ ଜନସାଧାରଣ ଏବଂ ପର୍ଯ୍ୟଟକମାନଙ୍କର ମଧ୍ୟ ନୈତିକ ଦାୟିତ୍ୱ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଲଘୁଚାପ ଜନିତ ପ୍ରବଳ ବର୍ଷାରେ ଶିମିଳିପାଳ ପାହାଡ଼ରେ ଭୂସ୍ଖଳନ



କରଞ୍ଜିଆ, (ମହାଭାରତ): ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଶିମିଳିପାଳ ପାହାଡ଼ରେ ଭୂସ୍ଖଳନ ଘଟିଛି। ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଧୀନ କେଶଡିହା ଗ୍ରାମପଞ୍ଚାୟତର ଚାନ୍ଦିଖମଣ ନିକଟସ୍ଥ ଶିମିଳିପାଳ ଅଭୟାରଣ୍ୟର ଜଜଉଲି କମ୍ପାର୍ଟମେଣ୍ଟ ଏସ୍?ଏଲ୍?-୧୨, ବାହାଘର ସେକ୍ସନ ଅଞ୍ଚଳରେ ଏହି ଭୂସ୍ଖଳନ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୩ଟା ସମୟରେ ପାହାଡ଼ ଉପରୁ ହଠାତ୍ ବିକଟାଳ ଶବ୍ଦ ଶୁଣାଯାଇଥିଲା। ଶବ୍ଦ ଏତେ ଭୟଙ୍କର ଥିଲା ଯେ ନିକଟସ୍ଥ ଗ୍ରାମରେ ଶୋଇଥିବା ଲୋକମାନଙ୍କ ନିଦ ଭାଙ୍ଗିଯାଇଥିଲା। ପାହାଡ଼ ଧସିବାର ଶବ୍ଦ ଶୁଣି ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ରାତିରେ ଅନ୍ଧାର ଯୋଗୁଁ ଘଟଣାସ୍ଥଳକୁ ଯିବା ସମ୍ଭବ ହୋଇନଥିବା ବେଳେ ସକାଳେ ଗ୍ରାମବାସୀମାନେ ପାହାଡ଼ ଉପରକୁ ଯାଇ ଘଟଣାସ୍ଥଳ ଦେଖିଥିଲେ। ସେଠାରେ ଶିମିଳିପାଳ ପାହାଡ଼ର ଏକ ବଡ଼ ଅଂଶ ଧସି ଯାଇଥିବା ଦେଖିବାକୁ ମିଳିଥିଲା। ବନବିଭାଗର ସୂଚନା ଅନୁଯାୟୀ, ଜଜଉଲି ପାହାଡ଼ର ମଧ୍ୟଭାଗରୁ ପ୍ରାୟ ୩୦ ଫୁଟ ଓସାରରେ ପ୍ରାୟ ୨ କିଲୋମିଟର ଦୂର ପର୍ଯ୍ୟନ୍ତ ଭୂସ୍ଖଳନ ହୋଇଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁଁ ପାହାଡ଼ର ମାଟି ଓ ଶିଳା ଢିଲା ହୋଇ ଏପରି ଭୂସ୍ଖଳନ ଘଟିଥିବା ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ଭୂସ୍ଖଳନ ଘଟଣା ପରେ ପାହାଡ଼ ନିକଟରେ ରହୁଥିବା ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଲାଗି ରହିଥିବାରୁ ପାହାଡ଼ର ଅନ୍ୟ କୌଣସି ଅଂଶ ଧସିବାର ଆଶଙ୍କାକୁ ନେଇ ଲୋକମାନେ ଚିନ୍ତାରେ ରହିଛନ୍ତି। କେତେବେଳେ କୌଣସି ଅଘଟଣ ଘଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଖବର ପାଇବା ପରେ ମହୁଲଡିହା ପୋଲିସ ଓ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପାହାଡ଼ ଅଞ୍ଚଳର ସ୍ଥିତି ଉପରେ ବନବିଭାଗ ଓ ପୋଲିସ ପକ୍ଷରୁ ନଜର ରଖାଯାଇଛି। ଲଗାଣ ବର୍ଷା ଜାରି ରହିଥିବାରୁ ଭୂସ୍ଖଳନ ପ୍ରବଣ ଅଞ୍ଚଳକୁ ନଯିବା ପାଇଁ ନିକଟସ୍ଥ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି।

## ଭାଗବତ ଅଧ୍ୟୟନରେ ସୁସ୍ଥ ସମାଜ ଗଠନ ସମ୍ଭବ: ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ



ପାରାଦୀପ, (ମହାଭାରତ): କୁସୁନପୁର ଗ୍ରାମରେ ଶ୍ରୀ ବାସୁଦେବ ଭାଗବତ ପ୍ରତିଷ୍ଠାନ ପକ୍ଷରୁ ଭାଗବତ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭାଗବତ ପାଠ, ସଂକୀର୍ତ୍ତନ, ଭଜନ ଓ ନୃତ୍ୟରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ମହୋତ୍ସବ ଅବସରରେ ପ୍ରାତଃକାଳରୁ ପବିତ୍ର ଭାଗବତ ପୋଥି ପାଠ ଓ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ଦଳମାନଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ ଓ ସଂକୀର୍ତ୍ତନ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଂକୀର୍ତ୍ତନ ଦଳଗୁଡ଼ିକୁ ନେଇ ସଙ୍ଗୀତ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ଏହି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍?ଘାଟନୀ ସଭାରେ ସେ କହିଥିଲେ ଯେ, ଭାଗବତ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ, ଏହା ମାନବ ଜୀବନକୁ ସତ୍‌ମାର୍ଗରେ ପରିଚାଳିତ କରିବାର ଏକ ମହାନ ମାର୍ଗଦର୍ଶକ। ଭାଗବତ ଘରେ ଘରେ ପରିଚିତ। ଭାଗବତର ନୀତି, ଆଦର୍ଶ ଓ ମାନବୀୟ ମୂଲ୍ୟବୋଧକୁ ଅଧ୍ୟୟନ କରି ଜୀବନରେ ପ୍ରୟୋଗ କରିପାରିଲେ ସୁସ୍ଥ, ସୁନ୍ଦର ଓ ନୀତିନିଷ୍ଠ ସମାଜ ଗଠନ ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ଭଜନ, ଭକ୍ତି ସଙ୍ଗୀତ ଓ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ।

## ବିଶ୍ୱ ପର୍ଯ୍ୟଟନ ଦିବସରେ ପାରାଦୀପ ପୌରପାଳିକା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ପାରାଦୀପ, (ମହାଭାରତ): ବିଶ୍ୱ ପର୍ଯ୍ୟଟନ ଅବସରରେ ପାରାଦୀପର ମୁଖ୍ୟ ପର୍ଯ୍ୟଟନ ସ୍ଥଳ ନେହେରୁ ବଙ୍ଗଳା ମୁହାଁଣ ନିକଟରେ ପାରାଦୀପ ପୌରପାଳିକା ପକ୍ଷରୁ ରବିବାର ସକାଳେ ଏକ ସାମୁହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ମନ୍ତ୍ରୀଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ସୁବ୍ରତ ପ୍ରଧାନ, ଅଜିତ ଷଡଙ୍ଗୀ, ନେହେରୁ ବଙ୍ଗଳା ଏସଏଚଜି ର ମହିଳା ଓ ସ୍ଥାନୀୟ ଯୁବକ ମାନଙ୍କ ସହଯୋଗରେ ଏହି ସ୍ୱଚ୍ଛ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ତେବେ ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ମହାନଦୀ ମୁହାଁଣ କୁ ବଣଭୋଜୀ କରିବାକୁ ପ୍ରତ୍ୟକ ବର୍ଷ ଆସିଥାନ୍ତି କ୍ଷ ତେଣୁ ଆଜିର ଏହି ସ୍ୱଛତା କାର୍ଯ୍ୟକ୍ରମରେ ଏହି ପର୍ଯ୍ୟଟନ ସ୍ଥଳୀ କୁ ପଲିଥିନ ମୁକ୍ତ, ନିଶାମୁକ୍ତ ଏବଂ ଆବର୍ଜନା ମୁକ୍ତ ରଖିବାକୁ ଉପସ୍ଥିତ ସମସ୍ତ ସ୍ୱେଚ୍ଛାସେବୀ ସଂକଳ୍ପ କରିଥିଲେ ।

## ଶଙ୍ଖପଲ୍ଲୀରେ ୩ୟ ବାର୍ଷିକ ଭାଗବତ ସପ୍ତାହ ଉଦଯାପିତ



ଓଡଗାଁ, (ମହାଭାରତ) : ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରଙ୍ଗଣୀପାଟଣା ପଞ୍ଚାୟତ ଜାମୁସାହି(ଶଂଖପଲୀ) ତ୍ରିନାଥ ଠାକୁରଙ୍କ ମଣ୍ଡପରେ ସପ୍ତାହ ଧରି ଚାଲିଥିବା ଭାଗବତ ସପ୍ତାହ ଶନିବାର ଉଦଯାପିତ ହୋଇଯାଇଛି ।କୁନା ପରିଡ଼ା,ରଘୁବୀର ଜେନା ଓ ସୁରେନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପୁରୋହିତ ଲଡୁକିଶୋର ରଥ ଏବଂ ଜିତେନ୍ଦ୍ର କୁମାର ଷଡଙ୍ଗୀ ଭାଗବତ ପାଠ କରିଥିଲେ।ଆଖପାଖ ଅଞ୍ଚଳର ବହୁଶ୍ରଦ୍ଧାଳୁଙ୍କ ସମାଗମରେ ଗ୍ରାମରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ।ଭକ୍ତି ରସରେ ପ୍ଲାବିତ ଶ୍ରୀମଦ୍ ଭାଗବତ ମହାପୁରାଣର ପଠନ ତଥା ଶ୍ରବଣ ପ୍ରତିଟି ସମୟରେ କଳିହତ ମାନବ ମାନଙ୍କୁ ଭବବନ୍ଧନରୁ ମୁକ୍ତ କରିବା ସଙ୍ଗେସଙ୍ଗେ ପରମାତ୍ମା ପରମେଶ୍ୱରଙ୍କ ସହିତ ଯୁକ୍ତହେବାର ପଥକୁ ଯେ କୁସୁମିତ କରିପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ପଣ୍ଡିତ ରଥ ଲୋକଙ୍କୁ ପ୍ରବଚନ ମାଧ୍ୟମରେ ବାର୍ତ୍ତା ଦେଇଥିଲେ।

## ବର୍ଷାରେ ବେସାହାରା ଗରିବଙ୍କ ପାଖରେ ପହଞ୍ଚିଲେ ଦୁଇ ବନ୍ଧୁ

ରାଇଘର, (ମହାଭାରତ); ଲଗାତାର ବର୍ଷା ଯୋଗୁଁ ଅନେକ ଗରିବ ଓ ବେସାହାରା ପରିବାରଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କେଉଁଠି ଘରେ ପାଣି ପଶିଛି, ତ ଆଉ କେଉଁଠି ଘରର ଅବସ୍ଥା ଦୁର୍ବଳ



ହୋଇପଡ଼ିଛି। ଏଭଳି ବର୍ଷାଜନିତ ସମସ୍ୟାରେ ଅସହାୟ ହୋଇପଡ଼ିଥିବା ଲୋକଙ୍କ ପାଖରେ ପହଞ୍ଚି ମାନବିକତାର ପରିଚୟ ଦେଇଛନ୍ତି ଜିଲ୍ଲା ଭିଜିଲାନ୍ସ ମୋନିଟରିଂ କମିଟି ସଦସ୍ୟ ବସନ୍ତ ଡଙ୍ଗରି ଏବଂ ସରକାରୀ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଗଣ୍ଡ।ଦୁଇ ବନ୍ଧୁ ନିଜ ଅଞ୍ଚଳରେ ବର୍ଷାରେ ପ୍ରଭାବିତ ଓ ବେସାହାରା ହୋଇଥିବା ଗରିବ ପରିବାରଗୁଡ଼ିକର ସ୍ଥିତି ଜାଣିବା ପାଇଁ ସେମାନଙ୍କ ନିକଟରେ ପହଞ୍ଚିଥିଲେ। ପ୍ରତିକୂଳ ପାଗକୁ ଖାତିର ନକରି ଘର ଘର ବୁଲି ଲୋକଙ୍କ ସମସ୍ୟା ଶୁଣିବା ସହିତ ସେମାନଙ୍କ ଅବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ।ବିଶେଷ କରି ବର୍ଷା ଯୋଗୁଁ ଯେଉଁ ପରିବାରଗୁଡ଼ିକ ଅଧିକ ପ୍ରଭାବିତ ହୋଇଛନ୍ତି, ସେମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ଶୁଣିଥିଲେ। କେବଳ ସମସ୍ୟା ଶୁଣି ଫେରି ନଯାଇ, ଏହାର ସମାଧାନ କିପରି ହୋଇପାରିବ ଏବଂ ସରକାରୀ ସ୍ତରରେ କେଉଁ ପ୍ରକାର ସହାୟତା ମିଳିପାରିବ, ସେନେଇ ଆଲୋଚନା କରିଥିଲେ।ବର୍ଷା ସମୟରେ ଗରିବ ପରିବାରଗୁଡ଼ିକ ଯେଉଁ ସମସ୍ୟା ଦେଇ ଗତି କରୁଛନ୍ତି, ତାହା କେବଳ ଏକ ପରିବାରର ସମସ୍ୟା ନୁହେଁ, ବରଂ ସମାଜର ସମସ୍ତଙ୍କ ଦାୟିତ୍ୱ ବୋଲି ଦୁଇ ବନ୍ଧୁ ମତ ପ୍ରକାଶ କରିଥିବା ଜଣାପଡ଼ିଛି। ଅସହାୟ ଲୋକଙ୍କ ଦୁଃଖ ସମୟରେ ସେମାନଙ୍କ ପାଖରେ ଛିଡ଼ା ହେବା ଏବଂ ଆବଶ୍ୟକ ସହଯୋଗର ବାଟ ଖୋଜିବା ହିଁ ମାନବିକତାର ପରିଚୟ ବୋଲି ସେମାନେ କହିଥିଲେ।ଦୁଇ ବନ୍ଧୁଙ୍କ ଏହି ପଦକ୍ଷେପକୁ ନେଇ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଚର୍ଚ୍ଚା ହେଉଛି। ସରକାରୀ ବ୍ୟବସ୍ଥା ସହିତ ସାଧାରଣ ଲୋକଙ୍କ ଦୁଃଖ ସମୟରେ ସାମାଜିକ ଭାବେ ସହଯୋଗ କରିବା ଦ୍ୱାରା ଅସହାୟ ପରିବାରମାନେ ଆଶ୍ୱାସନ ପାଇପାରିବେ ବୋଲି ମତ ପ୍ରକାଶ ପାଇଛି।ବର୍ଷା ଓ ବିପର୍ଯ୍ୟୟ ସମୟରେ ଅସହାୟ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ କଥା ଶୁଣିବା, ସମସ୍ୟା ବୁଝିବା ଏବଂ ସମାଧାନର ବାଟ ଖୋଜିବା ଭଳି ପଦକ୍ଷେପ ନିଶ୍ଚିତ ଭାବେ ସାଧାରଣ ଲୋକଙ୍କ ମନରେ ଆଶା ସୃଷ୍ଟି କରିଛି।

# ଦିଆଲ୍ ପରବକୁ ନେଇ ଡମ୍ ସମାଜର କାକିରିଗୁମା ଠାରେ ପ୍ରସ୍ତୁତି ବୈଠକ

ଲକ୍ଷ୍ମୀପୁର, (ମହାଭାରତ): ଆସନ୍ତା ନଭେମ୍ବର ମାସରେ ପାଳିତ ହେବାକୁ ଥିବା ଦିଆଲ୍ ପରବକୁ ନେଇ ଲକ୍ଷ୍ମୀପୁର ଡମ୍ ସମାଜ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ରବିବାର କାକିରିଗୁମା ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣ ମଣ୍ଡପରେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଥିଲା। ସମାଜର ସଭାପତି ବିଶ୍ୱଜିତ ଗରଡ଼ାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଦିଆଲ୍ ପରବର ଆୟୋଜନକୁ ଅଧିକ ଶୃଙ୍ଖଳିତ, ସୁନ୍ଦର ଓ ଭାଇଚାରାପୂର୍ଣ୍ଣ କରିବା ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।ବ୍ଲକ୍?ର ବିଭିନ୍ନ ଅଞ୍ଚଳରେ ରହୁଥିବା ଡମ୍ ସମାଜର ଲୋକମାନଙ୍କୁ ଏକ ମଞ୍ଚରେ ଏକାଠି କରି ଦିଆଲ୍ ପରବ ପାଳନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପରବ କେବଳ ଏକ ପାରମ୍ପରିକ ଉତ୍ସବ ନୁହେଁ, ବରଂ ସମାଜ ମଧ୍ୟରେ ଏକତା, ସହଯୋଗ ଓ ଭାଇଚାରାକୁ ମଜବୁତ କରିବାର ଏକ ଅବସର ବୋଲି ସଦସ୍ୟମାନେ ମତ ରଖିଥିଲେ।ଗତବର୍ଷ ଆୟୋଜନର ଅଭିଜ୍ଞତାକୁ ଆଧାର କରି ଚଳିତବର୍ଷ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖି କିପରି ସଫଳତାର ସହ ପରବ ପାଳନ କରାଯିବ, ସେ ନେଇ ମତାମତ ଓ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ଇଷ୍ଟ ଶଗରିଆ, ଗଦାଧର ବିଡିକା, ମଣ୍ଟି ଖରା, ପାତାଳେଶ୍ୱର ଖରା, ଅଭିମନ୍ୟୁ ହିଆଲ, ଆରତ ଟାକ୍ରି, ରିଙ୍କୁ ବାଘ, ନେତ୍ରା ଖରା, ଇନ୍ଦ୍ର ହିଆଲ, ହରି ବାଘ, ବିଜୟ ସମର୍ଲିଆ, ଆଇନ ପରାମର୍ଶଦାତା ସତ୍ୟ ଖରା ଓ କୋଷାଧ୍ୟକ୍ଷ ଚିତ୍ରସେନ ବାଘଙ୍କ ସମେତ ୪୮ଟି ଗାଁର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।ସମାଜର ସମ୍ପାଦକ ବୁଲୁ ଖରା ଓ ସଦସ୍ୟ ଶ୍ରୀବତ୍ସ ଖରା ବୈଠକର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


# ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା




## କଂଗ୍ରେସରେ ଯୋଗଦେଲେ ପୂର୍ବତନ ସ୍ୱାଧୀନ ବିଧାୟକ ପ୍ରାର୍ଥୀ କାହ୍ନୁ ନାୟକ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ମାଟିର ପୁଅ ତଥା ଯୁବ ସାମ୍ବାଦିକ ଏବଂ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ପୂର୍ବତନ ସ୍ୱାଧୀନ ବିଧାୟକ ପ୍ରାର୍ଥୀ କାହ୍ନୁ ନାୟକ ଆଜି କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି। ଏ ନେଇ ଦଶପଲ୍ଲାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜିତ କୁମାର ଦାସ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ବ୍ଲକର କଂଗ୍ରେସ ସଭାପତି, ବରିଷ୍ଠ ପଦାଧିକାରୀ ଏବଂ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀରେ କାହ୍ନୁ ନାୟକ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଶେଷକରି ଦଶପଲ୍ଲା ହସ୍ପିଟାଲରେ ରହିଥିବା ବିଭିନ୍ନ ସମସ୍ୟା, ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥା ଓ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ଅବସରରେ କାହ୍ନୁ ନାୟକ କହିଥିଲେ, "ସାମ୍ବାଦିକଙ୍କ କାମ କେବଳ ଖବର ପ୍ରକାଶ କରିବା ନୁହେଁ, ଖବର ସହିତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବା ମଧ୍ୟ ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। କାହ୍ନୁ ନାୟକଙ୍କ କଂଗ୍ରେସରେ ଯୋଗଦାନକୁ ନେଇ ଦଶପଲ୍ଲା ଅଞ୍ଚଳର ଦଳୀୟ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

## ଲଗାଣ ବର୍ଷାରେ ବେହାଲ ମାଲକାନଗିରି, ବାହ୍ୟଜଗତରୁ ବିଚ୍ଛିନ୍ନ



ମାଲକାନଗିରି(ମହାଭାରତ): ଲଗାଣ ବର୍ଷାରେ ବେହାଲ ହୋଇପଡ଼ିଛି ମାଲକାନଗିରି ଜିଲ୍ଲା। ବନ୍ୟା ପାଣି ଯୋଗୁଁ ଜିଲ୍ଲା ଏବେ ବାହ୍ୟଜଗତରୁ ପ୍ରାୟ ବିଚ୍ଛିନ୍ନ ହୋଇପଡ଼ିଛି। ୩୨୬ ନମ୍ବର ଜାତୀୟ ରାଜପଥର ପାଙ୍ଗାମ, ପୋଟେରୁ, କାଙ୍ଗୁରକୋଣ୍ଡା, ଏମ୍‌ଭି-୯୦, ଏମ୍‌ଭି-୯୬ ଓ କନ୍ୟାଶ୍ରମ ପୋଲ ଉପରେ ୭ରୁ ୮ ଫୁଟ୍ ପର୍ଯ୍ୟନ୍ତ ବନ୍ୟାଜଳ ପ୍ରବାହିତ ହେଉଛି।ଫଳରେ ମାଲକାନଗିରିରୁ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଛତିଶଗଡ଼ ଓ ତେଲେଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜାତୀୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ସେପଟେ ସୀମାନ୍ତ ମୋଟୁ ଅଞ୍ଚଳରେ ମଧ୍ୟ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ବନ୍ୟା ପାଣି ମଦ ଦୋକାନ ଭିତରକୁ ପଶିଯିବା ପରେ କର୍ମଚାରୀମାନେ ଦୋକାନର ସାମଗ୍ରୀ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରୁଛନ୍ତି। ମୋଟୁରୁ ଆନ୍ଧ୍ରପ୍ରଦେଶର ଚିନ୍ତୁର ଓ ଛତିଶଗଡ଼ର କୋଣ୍ଟାକୁ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କୁଇଗୁର ବ୍ରିଜ୍ ଉପରେ ପ୍ରାୟ ୧୫ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି ।ଏପଟେ ସିଲେରୁ ଓ ସାବେରୀ ନଦୀର ଜଳସ୍ତର କ୍ରମାଗତ ଭାବେ ବଢ଼ିଚାଲିଛି। ନଦୀର ଜଳସ୍ତର ବୃଦ୍ଧି ପାଇଲେ ଏହାର ପ୍ରଭାବ ଗୋଦାବରୀ ନଦୀ ଉପରେ ପଡ଼ିପାରେ। ଗୋଦାବରୀର ଜଳସ୍ତର ବଢ଼ିଲେ ମୋଟୁ ଅଞ୍ଚଳରେ ବନ୍ୟା ପରିସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି।

## କୁରୁଡ଼ାଙ୍ଗିରେ ଭାଲୁ ଆକ୍ରମଣ: ଯୁବକ ଗୁରୁତର, ନୟାଗଡ଼ ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବନାଞ୍ଚଳ ଅଧୀନ ଦୁଡ଼ା ପଞ୍ଚାୟତର କୁରୁଡ଼ାଙ୍ଗି ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ସ୍ଥାନୀୟ ନିରଞ୍ଜନ ମାଝୀଙ୍କ ପୁଅ ସାମନ୍ତ ମାଝୀ (୨୫) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ସାମନ୍ତ ନିଜ ଘର ପଛପଟ ବାଡ଼ିକୁ ଯାଇଥିବା ସମୟରେ ହଠାତ୍ ଏକ ଜଙ୍ଗଲୀ ଭାଲୁ ତାଙ୍କ ଉପରକୁ ଆକ୍ରମଣ କରିଥିଲା। ସାମନ୍ତ ବେଶ୍ କିଛି ସମୟ ଧରି ଭାଲୁ ସହ ଲଢ଼େଇ କରି ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ ମଧ୍ୟ ଭାଲୁ କାମୁଡ଼ାରେ ଗୁରୁତର ଭାବେ କ୍ଷତବିକ୍ଷତ ହୋଇପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଓ ଆଖପାଖ ଲୋକେ ଦୌଡ଼ି ଆସି ତାଙ୍କୁ ତୁରନ୍ତ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ବନ ବିଭାଗ ତତ୍ପରତା ପ୍ରକାଶ କରିଛି। ସରକାରୀ ନିୟମ ଅନୁସାରେ ଆହତ ଯୁବକଙ୍କୁ ଉପଯୁକ୍ତ ସହାୟତା ତଥା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଦଶପଲ୍ଲା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମ ନିକଟକୁ ଭାଲୁ ଚାଲିଆସିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଆତଙ୍କ ପ୍ରକାଶ ପାଇଛି।

## ଯୁବ ଉଦୀୟମାନ କଳାକାର ପ୍ରେମ ମେହେରଙ୍କ ଅକାଳ ବିୟୋଗ



ପାଟଣାଗଡ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଅଞ୍ଚଳର ଯୁବ ତଥା ଉଦୀୟମାନ ନୃତ୍ୟଶିଳ୍ପୀ ପ୍ରେମ ମେହେରଙ୍କ ହୃଦଘାତରେ ଅକାଳ ବିୟୋଗ ଘଟିଛି। ତାଙ୍କ ଅଚାନକ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ପ୍ରେମ ମେହେର ସମ୍ବଲପୁରୀ କଳା ଓ ନୃତ୍ୟ ପ୍ରତି ଗଭୀର ଆଗ୍ରହ ରଖିବା ସହ ନୃତ୍ୟ, ଅଭିନୟ ଓ ନିଜର କଳା ପ୍ରତିଭା ମାଧ୍ୟମରେ ଅଳ୍ପ ବୟସରେ ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲେ। କଳା ପ୍ରତି ତାଙ୍କର ଭଲପାଇବା ଓ ସମର୍ପଣ ତାଙ୍କୁ ଅଞ୍ଚଳର ଯୁବପିଢ଼ି ଓ କଳାପ୍ରେମୀଙ୍କ ମଧ୍ୟରେ ଏକ ପରିଚିତ ଚେହେରା କରିଥିଲା ।ଆଗାମୀ ଦିନରେ ନିଜ ପ୍ରତିଭା ଦ୍ୱାରା ଆହୁରି ଆଗକୁ ବଢ଼ିବାର ଆଶା ରହିଥିବା ବେଳେ ତାଙ୍କ ଏଭଳି ଅଚାନକ ବିୟୋଗ ପରିବାର, ବନ୍ଧୁବର୍ଗ, ସାଥୀ କଳାକାର ଓ ଶୁଭେଚ୍ଛୁମାନଙ୍କୁ ସ୍ତବ୍ଧ କରିଦେଇଛି। ତାଙ୍କ ସହ କାମ କରିଥିବା କଳାକାର ଓ ବନ୍ଧୁମାନେ ପ୍ରେମଙ୍କ ସ୍ମୃତିଚାରଣ କରି ଗଭୀର ଶୋକ ପ୍ରକାଶ କରିଛନ୍ତି ।ପ୍ରେମ ମେହେରଙ୍କ ବିୟୋଗରେ ଖପ୍ରାଖୋଲ ଅଞ୍ଚଳର କଳା ଓ ସାଂସ୍କୃତିକ ମହଲରେ ମଧ୍ୟ ଶୋକର ଛାୟା ଖେଳିଯାଇଛି। ଜଣେ ଉଦୀୟମାନ କଳାକାରଙ୍କ ଅକାଳ ବିୟୋଗ ଅଞ୍ଚଳର କଳାଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କଳାପ୍ରେମୀମାନେ ଶୋକ ପ୍ରକାଶ କରିଛନ୍ତି।

## ପାନୀୟ ଜଳ ସମସ୍ୟା ନେଇ ରାସ୍ତାରୋକ କଲେ ରୁଗୁଡ଼ିବେଡ଼ା ଗ୍ରାମବାସୀ



କରଞ୍ଜିଆ,(ମହାଭାରତ): ପାନୀୟ ଜଳର ଉତ୍କଟ ସମସ୍ୟାକୁ ନେଇ ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ। ପାନୀୟ ଜଳ ଯୋଗାଣ ଦାବିରେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ଅଧୀନ ରୁଗୁଡ଼ିବେଡ଼ା ଗ୍ରାମର ୮ ନମ୍ବର ୱାର୍ଡ ସ୍କୁଲ ସାହିର ମହିଳାମାନେ ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାକୁ ଅବରୋଧ କରିଥିଲେ। ଶନିବାର ସକାଳ ପ୍ରାୟ ୮ଟା ସମୟରେ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ମହିଳାମାନେ ଏକତ୍ରିତ ହୋଇ ବାଲଟି, ଗରା ଓ ଡେକଚି ଧରି ରାସ୍ତା ଉପରେ ବସିଥିଲେ। ଦୀର୍ଘଦିନ ଧରି ସ୍କୁଲ ସାହିରେ ପାନୀୟ ଜଳ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହେଉନଥିବା ଅଭିଯୋଗ କରି ମହିଳାମାନେ ରାସ୍ତାରୋକ କରିଥିଲେ। ପାନୀୟ ଜଳ ନପାଇ ଗ୍ରାମବାସୀଙ୍କୁ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରିବାକୁ ପଡୁଥିବା ଅଭିଯୋଗ ହୋଇଛି। ବିଶେଷକରି ମହିଳାମାନେ ପ୍ରତିଦିନ ପାଣି ପାଇଁ ହଇରାଣ ହେଉଥିବା କହିଛନ୍ତି। ଗ୍ରାମରେ ଥିବା ପାଣି ଯୋଗାଣ ବ୍ୟବସ୍ଥା ଠିକ୍ ଭାବେ କାମ କରୁନଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାରୋକ ଯୋଗୁଁ ଠାକୁରମୁଣ୍ଡା-କରଞ୍ଜିଆ ରାଜ୍ୟ ରାଜପଥରେ କିଛି ସମୟ ପାଇଁ ଯାତାୟାତ ପ୍ରଭାବିତ ହୋଇଥିଲା। ଖବର ପାଇ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମଣ୍ଡଳ ଓ ଠାକୁରମୁଣ୍ଡା ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ ଘଟଣାସ୍ଥଳରେ ପହଞ୍ଚିଥିଲେ।
ପ୍ରଶାସନିକ ଅଧିକାରୀମାନେ ରାସ୍ତାରୋକ କରିଥିବା ମହିଳା ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ବିଡିଓ ଶ୍ରୀ ବେହେରା ପାଣିଟାଙ୍କି ନିକଟକୁ ଯାଇ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ମହିଳାମାନେ ପାଣି ଯୋଗାଣକୁ ନେଇ ଗୁରୁତର ଅଭିଯୋଗ ଆଣିଥିଲେ। ସ୍କୁଲ ସାହିକୁ ନିୟମିତ ପାଣି ଯୋଗାଣ କରାଯାଉନଥିବା ସହ ପମ୍ପ ଡ୍ରାଇଭର ଜାଣିଶୁଣି ସାହିବାସୀଙ୍କୁ ହଇରାଣ କରୁଥିବା ସେମାନେ ଅଭିଯୋଗ କରିଥିଲେ। ବିଡିଓଙ୍କ ଉପସ୍ଥିତିରେ ସ୍କୁଲ ସାହିକୁ ପାଣି ଯୋଗାଣ କରାଯାଇଥିବା ଦେଖାଯାଇଥିଲା। ପାଣି ଯୋଗାଣ ବ୍ୟବସ୍ଥାକୁ ନେଇ ପ୍ରଶାସନ ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯିବା ପରେ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା। ଏହାପରେ ସକାଳ ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ମହିଳାମାନେ ରାସ୍ତାରୁ ହଟିବା ସହ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ। ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପାଇଁ ଗ୍ରାମବାସୀଙ୍କୁ ରାସ୍ତାକୁ ଓହ୍ଲାଇବାକୁ ପଡ଼ିଥିବାରୁ ଏହାକୁ ନେଇ ଅଞ୍ଚଳରେ ଆଲୋଚନା ଜୋର ଧରିଛି। ସ୍କୁଲ ସାହିର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରି ନିୟମିତ ଭାବେ ପାଣି ଯୋଗାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୨୩ ଲିଟର ମହୁଲି ମଦ ଜବତ, ୨ ଗିରଫ




କରଞ୍ଜିଆ,(ମହାଭାରତ): ଚୋରା ମହୁଲି ମଦ କାରବାର ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ମୋଟ ୨୩ ଲିଟର ଚୋରା ମହୁଲି ମଦ ଜବତ କରାଯାଇଥିବା ବେଳେ ମଦ ବିକ୍ରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ପ୍ରଥମେ ଦିଗଧର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ଼ବିଲ ସାହିରେ ଚଢ଼ାଉ କରାଯାଇଥିଲା। ସେଠାରେ ରଘୁନାଥ ମୁର୍ମୁଙ୍କ ନିକଟରୁ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ୧୦ ଲିଟର ମହୁଲି ମଦ ଜବତ କରାଯାଇଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ୧୧୬ ନମ୍ବର କେସ୍ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଚମ୍ପାଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭେଜିଡିହା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ସେବାକର ମହାନ୍ତ (୬୨)ଙ୍କ ନିକଟରୁ ଚୋରାରେ ବିକ୍ରି କରିବା ପାଇଁ ରଖାଯାଇଥିବା ୧୩ ଲିଟର ମହୁଲି ମଦ ଜବତ କରାଯାଇଥିଲା। ଏନେଇ ୧୧୭ ନମ୍ବର କେସ୍ ରୁଜୁ କରାଯାଇ ସେବାକର ମହାନ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।ଅବକାରୀ ବିଭାଗ ପକ୍ଷରୁ ଅବୈଧ ମଦ ପ୍ରସ୍ତୁତି ଓ ବିକ୍ରି ବିରୋଧରେ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ଜଣାପଡ଼ିଛି ।ଏହି ଚଢ଼ାଉରେ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀ, ଏଏସ୍ ?ଆଇ ଲକ୍ଷ୍ମଣ ନାୟକ, ଚନ୍ଦ୍ରକାନ୍ତ ମୁଦୁଲି ଓ ସସ୍ମିତା ବେହେରା ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ଥିଲେ।

## ଗ୍ରୀନକ୍ଲବ୍ ପକ୍ଷରୁ ସ୍ୱଚ୍ଛତା ସଂକଳ୍ପ




ଓଡ଼ଗାଁ,(ମହାଭାରତ): ପରିବେଶ ସୁରକ୍ଷା ପାଇଁ ଅହରହ ଉଦ୍ୟମ କରୁଥିବା ଓଡ଼ଗାଁ ବ୍ଲକ୍ ହରିହରପୁର ଗ୍ରିନ୍ କ୍ଲବ୍ ପକ୍ଷରୁ ସ୍ୱଚ୍ଛତା ସଂକଳ୍ପ ଯାତ୍ରା ଆରମ୍ଭ ହୋଇଛି ।ପରିବେଶ ସୁରକ୍ଷା ପାଇଁ ଅହରହ ଉଦ୍ୟମ କରୁଥିବା ଏହି ଗ୍ରୀନକ୍ଲବର ସ୍ୱଚ୍ଛତା ଯାତ୍ରା ଆସନ୍ତା ଅକ୍ଟୋବର ମାସ ୨ ତାରିଖ ଗାନ୍ଧି ଜୟନ୍ତୀ ପର୍ଯ୍ୟନ୍ତ ଚାଲିବବୋଲି ଜଣାପଡ଼ିଛି ।ଆଜି କ୍ଲବର ସଦସ୍ୟ ଓ ଛାତ୍ରଛାତ୍ରୀମାନେ ପୋଖରୀ,ନଦୀ,ସ୍କୁଲଆଦି ସଫାକରିବା ସହିତ ପଲିଥିନ୍,ପ୍ଲାଷ୍ଟିକ୍ ଆଦି ବ୍ୟବହାର ନକରିବାକୁ ଲୋକଙ୍କୁ ସଚେତନ କରିଥିଲେ ।ଦିନକୁଦିନ ପରିବେଶ ଅଣାୟତ ଆଡ଼କୁ ମୁହାଁଉଛି ।ଏବେଠୁ ସାବଧାନ ହୋଇ କାର୍ଯ୍ୟନକଲେ ମହାବିପଦ ମାଡ଼ି ଆସିବବୋଲି ସଦସ୍ୟମାନେ ପରାମର୍ଶ ଦେଇଥିଲେ ।ଗ୍ରୀନକ୍ଲବର ସଦସ୍ୟମାନେ ବର୍ଷସାରା ପରିବେଶ ନିୟନ୍ତ୍ରଣ ଉପରେ କାର୍ଯ୍ୟ କରି ଆସୁଛନ୍ତି ।ବୃକ୍ଷରୋପଣ ଠାରୁ ଆରମ୍ଭକରି ଗଛର ସୁରକ୍ଷା ନେବା, ରାସ୍ତା ମରାମତି କରିବା ଓ ସ୍କୁଲମାନଙ୍କରେ ପରିବେଶ ସୁରକ୍ଷା ଉପରେ ଚିତ୍ରାଙ୍କନ,କୁଇଜ ଆଦିକରି ସୁନାମ ଅର୍ଜନ କରିଛନ୍ତି ।ଆଜିଠାରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ସଂକଳ୍ପ ଯାତ୍ରାରେ ପ୍ରତିଗାଁରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବ ଓ ଗାଁଲୋକଙ୍କୁ ସାମିଲକରି ନଦୀ,ପୋଖରୀ ଆଦି ସଫା କରିବାକୁ ଲକ୍ଷ୍ୟ ରଖାଯାଇଥିବା ସଦସ୍ୟମାନେ କହିଛନ୍ତି।

## ପୋଲ ଅଛି ହେଲେ ଡ୍ରେନ୍ ନାହିଁ
## ରାଜ୍ୟ ରାଜପଥ କଡ଼ରେ ଜମୁଛି ପାଣି, ଯାତାୟାତ ବାଧାପ୍ରାପ୍ତ



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ଠାରେ ରାଜ୍ୟ ରାଜପଥରେ ଜଳ ନିଷ୍କାସନ ପାଇଁ ପୋଲ ରହିଥିଲେ ମଧ୍ୟ ସଂଯୋଗକାରୀ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ କୃତ୍ରିମ ଜଳବନ୍ଦୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ରାସ୍ତା ପାର୍ଶ୍ୱରେ ଥିବା ପୋଲ ପର୍ଯ୍ୟନ୍ତ ବର୍ଷାଜଳ ପହଞ୍ଚିବା ଲାଗି କୌଣସି ପକ୍କା ନାଳ ବା ଡ୍ରେନ୍ ନିର୍ମାଣ ହୋଇନଥିବାରୁ, ବର୍ଷା ହେଲେ ସମସ୍ତ ପାଣି ରାଜପଥ କଡ଼ରେ ହିଁ ଜମି ରହୁଛି। ପରିଣାମସ୍ୱରୂପ, ରାସ୍ତା କଡ଼ ଏକ ଛୋଟ ଜଳାଶୟର ଭ୍ରମ ସୃଷ୍ଟି କରୁଥିବା ବେଳେ ଏହି ପ୍ରମୁଖ ରାଜପଥ ଦେଇ ଯାତାୟାତ କରୁଥିବା ବାଇକ୍ ଚାଳକ, ସାଇକେଲ ଆରୋହୀ, ଘରୁ ବାହାରକୁ ଆସିବା ଏବଂ ପଥଚାରୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଜଳବନ୍ଦୀ ଯୋଗୁଁ କିଛି କିଛି ସ୍ଥାନରେ ରାସ୍ତାର ପିଚୁ ଉଠି ଖାଲଖମା ସୃଷ୍ଟି ହେଉଛି, ଯାହାକି ଯେକୌଣସି ସମୟରେ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟାଇବାର ଆଶଙ୍କା ରହିଛି। ଏହାବ୍ୟତୀତ ବସ୍ତି ଓ ଘର ସାମ୍ନାରେ ଦୀର୍ଘ ଦିନ ଧରି ଦୂଷିତ ପାଣି ଜମି ରହିବା ଫଳରେ ଦୁର୍ଗନ୍ଧ ସହ ମଶା ମାଛିଙ୍କ ପ୍ରାଦୁର୍ଭାବ ବଢ଼ି ରୋଗ ବ୍ୟାପିବାର ଭୟ ଦେଖାଦେଇଛି। ଏ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିବା ସହ ପୋଲ ପର୍ଯ୍ୟନ୍ତ ତୁରନ୍ତ ଏକ ପକ୍କା ଡ୍ରେନ୍ ନିର୍ମାଣ କରି ଜଳ ନିଷ୍କାସନର ସ୍ଥାୟୀ ସମାଧାନ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

## ପାଟଣା ବନ ବିଭାଗ ଘର ଭିତରୁ ଉଦ୍ଧାର କଲା ନାଗ ସାପ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ପୋଇପାଣି ଗ୍ରାମର ଧନୁର୍ଜୟ ମହାନ୍ତ ଙ୍କ ଘରୁ ଏକ ନାଗ ସାପ ପାଟଣା ବନ ବିଭାଗ ସ୍ନେକ୍ ସ୍କ୍ୱାଡ଼ କାର୍ତ୍ତିକେଶ୍ୱର ମହାନ୍ତ,ଉମେଶ ଚନ୍ଦ୍ର ମହାନ୍ତ ସୁରକ୍ଷିତ ଭାବେ ନାଗ ସାପ ଟିକୁ ଉଦ୍ଧାର କରି ପୋଇପାଣି ସଂରକ୍ଷିତ ଜଙ୍ଗଲ ରେ ଉଦ୍ଧାର ସାପ କୁ ଛାଡି ଦିଆ ଯାଇଥିବା ବନପାଳ ବିଭାଗ ରୁ ସୂଚନା ରହି ଛି।

## ପୋଖରୀରେ ବୁଡ଼ି ଯୁବକ ମୃତ, ଗାଁ ରେ ଶୋକାକୁଳ ପରିବେଶ


ରେଢ଼ାଖୋଲ (ମହାଭାରତ) ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି, ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ଗ୍ରାମ ପଞ୍ଚାୟତ ଅଧୀନ କୁଟାସିଙ୍ଗା ଗ୍ରାମରେ। ମୃତକ ଯୁବକ ଜଣଙ୍କ ହେଲେ କୁଟାସିଙ୍ଗା ଗ୍ରାମର କୁନା ପ୍ରଧାନ ।ସୂଚନା ଅନୁଯାୟୀ କୁଟାସିଙ୍ଗା ଗ୍ରାମ ନିକଟରେ ଥିବା ଏକ ଗଭୀର ପୋଖରୀକୁ ରବିବାର ଦିନ ଅପରାହ୍ନ ସମୟରେ ତିନି ଜଣ ଯୁବକ ମିଶି ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଅସାବଧାନତା ଯୋଗୁଁ କୁନା ପ୍ରଧାନ ହଠାତ୍ ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ। ଏହା ଦେଖି ସାଙ୍ଗ ମାନେ ଚିତ୍କାର କରିବାରୁ ଗ୍ରାମବାସୀ ସେଠାରେ ପହଞ୍ଚି ରେଢ଼ାଖୋଲ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ତୁରନ୍ତ ରେଢ଼ାଖୋଲ ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ବହୁ ଚେଷ୍ଟା ବଳରେ ଯୁବକଙ୍କୁ ପୋଖରୀରୁ ଉଦ୍ଧାର କରିଥିଲେ। ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ଆଣି ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସେପଟେ ରେଢ଼ାଖୋଲ ପୋଲିସ ଏହାକୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛି।

## ନୂଆଁଖାଇ ଭେଟଘାଟ୍-୨୦୨୬ ଅନୁଷ୍ଠିତ



ଗଜପତି(ମହାଭାରତ): ପାରଳା ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସମଲେଇ ନୃତ୍ୟକଳା ପରିଷଦ ଗଜପତି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ୨୧ ତମ ନୂଆଁଖାଇ ଭେଟଘାଟ - ୨୦୨୬ କାର୍ଯ୍ୟକ୍ରମ ସ୍ଥାନୀୟ ନଗର ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ପାରଳା ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର , ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ , ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଞ୍ଚକଳାକାର ଆଦର୍ଶ ଦାସ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବାଳକୃଷ୍ଣ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ ।ଅତିଥି ମାନେ ନିଜ ବକ୍ତବ୍ୟରେ ଆୟୋଜକ ଅନୁଷ୍ଠାନ ଓ ସଂସ୍କୃତି ପରିଷଦର ଏହି ଉଦ୍ୟମକୁ ସାଧୁବାଦ ଜଣାଇବା ସହ ଯଦିଓ ଏହା ପଶ୍ଚିମ ଓଡ଼ିଶାର ଗଣପର୍ବ ହୋଇଥିଲେ ମଧ୍ୟ ଉପାନ୍ତ ପାରଳାଖେମୁଣ୍ଡିରେ ଦୀର୍ଘ ଦୁଇ ଦଶନ୍ଧି ଧରି ପାଳନ କରାଯାଉ ଥିବାରୁ ସେମାନେ ଆନନ୍ଦିତ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ପାରଳାର ନୃତ୍ୟ ଭିତ୍ତିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳା କେନ୍ଦ୍ର , ପଦାମୃତ ନୃତ୍ୟାୟନ ଓ ମିରାକଲ ଡ୍ୟାନ୍ସ ଅନୁଷ୍ଠାନ ସମେତ ଆୟୋଜକ ସମଲେଇ ନୃତ୍ୟକଳା ପରିଷଦ ପକ୍ଷରୁ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ



ଗଜପତି(ମହାଭାରତ): ଆଜି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବି.ଏନ୍. ପ୍ୟାଲେସ୍ ଠାରୁ ଇଣ୍ଡୋର ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏବଂ ଇଣ୍ଡୋର ଷ୍ଟାଡିୟମ୍‌ଠାରୁ ବି.ଏନ୍. ପ୍ୟାଲେସ୍ ପର୍ଯ୍ୟନ୍ତ ଏକ ମାରାଥନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ତ୍ରିନାଥ କୁମାର ସାହୁ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ, ଆଦିବାସୀ କଳା ଓ ସଂସ୍କୃତି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ପର୍ଯ୍ୟଟନର ବିକାଶ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଗଜପତି ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମହେନ୍ଦ୍ରଗିରି ପର୍ବତ, ଜିରାଙ୍ଗ ପଦ୍ମସମ୍ଭବ ମହାବିହାର, ଗଣ୍ଡାହାତୀ ଜଳପ୍ରପାତ, ପାରଳାଖେମୁଣ୍ଡିର ଐତିହ୍ୟସମ୍ପନ୍ନ ସ୍ଥାନ ସମେତ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀର ପ୍ରଚାରପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଐତିହ୍ୟ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ଅଧିକ ପ୍ରଚାର କରିବା ସହ ଦାୟିତ୍ୱପୂର୍ଣ୍ଣ ଓ ପରିବେଶ ଅନୁକୂଳ ପର୍ଯ୍ୟଟନ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରାଯାଇଥିଲା। ଗଜପତି ଜିଲ୍ଲାର ପ୍ରାକୃତିକ, ଐତିହ୍ୟ ଓ ସାଂସ୍କୃତିକ ବୈଭବକୁ ଅଧିକ ପରିଚିତ କରାଇବାରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ସମସ୍ତଙ୍କର ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ସାମିଲ ହୋଇଥିଲେ କିନ୍ତୁ ପର୍ଯ୍ୟଟନ ଅଧିକାରୀ ଉପସ୍ଥିତ ନ ଥିଲେ ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ଆସାମ ବୈଠକ ପୂର୍ବରୁ ସିଜେପି ନେତା ଅଟକ



ଗୁଆହାଟୀ: ଆସାମରେ କକ୍‌ରୋଚ୍ ଜନତା ପାର୍ଟି (ସିଜେପି) ଏବଂ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବଡ଼ ଧରଣର ରାଜନୈତିକ ବିବାଦ ଦେଖାଦେଇଛି। ରାଜ୍ୟରେ ସଙ୍ଗଠନର ପ୍ରଥମ ଆଞ୍ଚଳିକ ସ୍ୱେଚ୍ଛାସେବୀ ବୈଠକ ଆୟୋଜନ ପୂର୍ବରୁ ଦଳର ସହ-ଆବାହକ ଆଶୁତୋଷ ରାଜ୍ଞାଙ୍କ ସମେତ ବହୁ ସଦସ୍ୟ ଓ ସ୍ୱେଚ୍ଛାସେବୀଙ୍କୁ ଆସାମ ପୁଲିସ ଅଟକ ରଖିଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ତୀବ୍ର ସମାଲୋଚନା କରି ରାଜ୍ଞା କହିଛନ୍ତି ଯେ ଆସାମ ମୁଖ୍ୟମନ୍ତ୍ରୀ ସିଜେପିକୁ ଦେଖି ଡରି ଯାଇଛନ୍ତି। ଏହି ଭୟ ଯୋଗୁଁ ଏକ ବେସରକାରୀ ସ୍ଥାନରେ ହେବାକୁ ଥିବା ଶାନ୍ତିପୂର୍ଣ୍ଣ ସମ୍ମିଳନୀ ପୂର୍ବରୁ ସେମାନଙ୍କୁ ବେଆଇନ ଭାବେ ଅଟକ ରଖାଯାଇଛି।

ଆଶୁତୋଷ ରାଜ୍ଞା ନିଜ ଅଟକ ପରେ ଏକ ଭିଡିଓ ବାର୍ତ୍ତାରେ ଅଭିଯୋଗ କରିଛନ୍ତି ଯେ ଆମେ ଆସାମର ପ୍ରକୃତ ସ୍ଥିତି ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ଚାହୁଁଥିଲୁ। ରାଜ୍ୟର ସରକାରୀ ସ୍କୁଲଗୁଡ଼ିକର ଦୁରବସ୍ଥା, କାଜିରଙ୍ଗାର ବାସ୍ତବତା ଏବଂ ଆସାମରେ ହେଉଥିବା ମନୁଷ୍ୟକୃତ ବନ୍ୟା ପରିସ୍ଥିତିର ରହସ୍ୟ ଖୋଲିବା ଆମର ଉଦ୍ଦେଶ୍ୟ ଥିଲା। ମୁଖ୍ୟମନ୍ତ୍ରୀ ପୁଲିସ ଲଗାଇ ଆମ ସଦସ୍ୟମାନଙ୍କୁ ଧମକ ଦେବା ସହ ଅଟକ ରଖିଛନ୍ତି। କିନ୍ତୁ ଏଭଳି ଭୟଭୀତକରିବା ସହଜ ନୁହେଁ ବୋଲି ସେ ଚେତାବନୀ ଦେଇଛନ୍ତି। ସଙ୍ଗଠନର ସ୍ଥିତି ମଜବୁତ କରିବା ପାଇଁ ଶନିବାର ସେ ଗୁଆହାଟୀରେ ପହଞ୍ଚି ସ୍ୱେଚ୍ଛାସେବୀମାନଙ୍କୁ ସମ୍ବୋଧିତ କରିବାର ଚିଠା ପ୍ରସ୍ତୁତ କରିଥିଲେ। ରାଜ୍ଞା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ ବୈଠକ ସ୍ଥଳକୁ ଯାଉଥିବା ସମସ୍ତ ରାସ୍ତାକୁ ପୁଲିସ ପକ୍ଷରୁ ଦୁଇ ପାର୍ଶ୍ୱରୁ ବାରିକେଡ୍ କରାଯାଇ ସମ୍ପୂର୍ଣ୍ଣ ଅବରୋଧ କରାଯାଇଥିଲା। ଆସାମ ପୁଲିସ ଲୁହବୁହା ଗ୍ୟାସ ସହ ସେଠାରେ ମୁତୟନ ଥିଲା ଏବଂ କୌଣସି ସଦସ୍ୟଙ୍କୁ ସମ୍ମିଳନୀ ସ୍ଥଳକୁ ଯିବାକୁ ଅନୁମତି ଦିଆଯାଇନଥିଲା। ଏହି ଘଟଣାକୁ ନେଇ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ବିଜେପି ଉପରେ ପ୍ରବଳ ବର୍ଷିଛନ୍ତି। ସେଅଭିଯୋଗ କରିଛନ୍ତି ଯେ ଆସାମ ପୁଲିସ ରାଜ୍ଞା ଏବଂ ତାଙ୍କ ଟିମ୍‌କୁ ଅଟକ ରଖି କୌଣସି ଏକ ଅଜ୍ଞାତ ସ୍ଥାନକୁ ନେଇଯାଇଛି। ଦଳ ପକ୍ଷରୁ ସମସ୍ତ ଗିରଫ କର୍ମୀଙ୍କ ତୁରନ୍ତ ମୁକ୍ତି ଦାବି କରାଯିବା ସହ ଆସାମରେ ସେମାନଙ୍କର ଆନ୍ଦୋଳନ ଜାରି ରହିବ ବୋଲି ସ୍ପଷ୍ଟ କରାଯାଇଛି।

## ସିଇସିଙ୍କ ତୁରନ୍ତ ଇସ୍ତଫା ଦାବିକଲେ ପ୍ରିୟଙ୍କା, କପିଲ ସିବଲ



ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ କମିସନର୍ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବେ ଜୋର୍ ଧରିଥିବା ବେଳେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ବି ଏଥିରୁ ବାଦ୍ ପଡ଼ିନାହାନ୍ତି। ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ସିଇସି ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦେବା ଉଚିତ। ସେ ଅଭିଯୋଗ କରିଛନ୍ତି ଯେ ଜ୍ଞାନେଶ କୁମାରଙ୍କର ରାଜନୈତିକ ଆନୁଗତ୍ୟ ରହିଛି। ସେ ଏକ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ କରୁଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ନିରୀକ୍ଷଣ ସଂକ୍ରାନ୍ତ ତାଙ୍କ ଦକ୍ଷତାକୁ ନେଇ ପ୍ରିୟଙ୍କା ପ୍ରଶ୍ନ ଉଠାଇଛନ୍ତି।

ୱାୟନାଡ଼ ନିର୍ବାଚନମଣ୍ଡଳୀ ଗସ୍ତ ସମୟରେ ପ୍ରିୟଙ୍କା ସାମ୍ବାଦିକମାନଙ୍କ ସହ କଥା ହେବାବେଳେ ଏହି ଟିପ୍ପଣୀ ଦେଇଛନ୍ତି। ଜ୍ଞାନେଶ କୁମାର ଜଣେ ପୂର୍ବତନ କେରଳ ମୁଖ୍ୟ ସଚିବ ଜିଜି ଥମସନ୍‌ଙ୍କୁ ବିଜେପି ଟିକେଟ୍‌ରେ ୨୦୧୯ ଲୋକସଭା ନିର୍ବାଚନ ଲଢ଼ିବାକୁ କହିଥିବା ସଂକ୍ରାନ୍ତ ଅଭିଯୋଗ ଉପରେ ଏକ ପ୍ରଶ୍ନର ଉତ୍ତର ଦେଇ ପ୍ରିୟଙ୍କା କହିଛନ୍ତି, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ବେଆଇନ ଏବଂ ଅନୈତିକ। ରାଜ୍ୟସଭା ସାଂସଦ କପିଲ ସିବଲ ମଧ୍ୟ ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବି କରିଛନ୍ତି। ସିବଲ ଅଭିଯୋଗ କରିଛନ୍ତି ଯେ ଜ୍ଞାନେଶ କୁମାର ଏସ୍‌ଆଇଆର୍ ସଂକ୍ରାନ୍ତରେ ଏକତରଫା ଭାବେ ନିଷ୍ପତ୍ତି ନେଇଛନ୍ତି। ତାଙ୍କୁ ଦାୟିତ୍ୱରୁ ହଟାଇବାପାଇଁ ଏବଂ ନିକଟରେ ପରିଚାଳନା କରାଯାଇଥିବା ନିର୍ବାଚନଗୁଡ଼ିକୁ ରଦ୍ଦ କରିବାପାଇଁ ସେ ଦାବି କରିଛନ୍ତି। କପିଲ ସିବଲ ଏକ ନିର୍ଦ୍ଦିଷ୍ଟ ୧୦ ମାସ ସମୟ ତଥା ୨୦୨୫ ଜୁନ୍‌ରେ ହୋଇଥିବା ବିହାର ନିର୍ବାଚନ ଏବଂ ଗତ ଏପ୍ରିଲରେ ହୋଇଥିବା ପଶ୍ଚିମବଙ୍ଗ ନିର୍ବାଚନ ସବୁକୁ ରଦ୍ଦ କରିବା ଉପରେ ବିଚାର କରିବାପାଇଁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ସେ ଏହି ଘଟଣାରେ ସିଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଉତ୍ତରପ୍ରଦେଶ: ପ୍ରବଳ ବର୍ଷା ଓ ବନ୍ୟାରେ ୫୬ ମୃତ ୧୦୦୦ରୁ ଅଧିକ ଘର ଭାଙ୍ଗିଲା




ଲକ୍ଷ୍ନୌ: ଉତ୍ତର ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଏବଂ ଭୂସ୍ଖଳନ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ତିନି ଦିନ ମଧ୍ୟରେ ରାଜ୍ୟରେ ଅତି କମ୍‌ରେ ୫୬ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସରକାରୀ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ପ୍ରାୟ ୨୪ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଭାରତର ସବୁଠାରୁ ବଡ଼ ରାଜ୍ୟ ଉତ୍ତର ପ୍ରଦେଶରେ ଜୁନ୍‌ରୁ ଆଜି ସୁଦ୍ଧା ମୌସୁମୀ ବର୍ଷା ଏବଂ ବଜ୍ରପାତ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି।

ରାଜ୍ୟର ଅଧିକାଂଶ ଅଞ୍ଚଳରେ ହୋଇଥିବା ଅତି ପ୍ରବଳ ଓ ଲଗାଣ ବର୍ଷା ଯୋଗୁଁ ଏତେ ସଂଖ୍ୟକ ମୃତ୍ୟୁ ଘଟିଥିବା ନେଇ ରିଲିଫ୍ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ବର୍ଷା ବିପର୍ଯ୍ୟୟରେ ୧୦୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଶୁକ୍ରବାରରୁ ରବିବାର ମଧ୍ୟରେ ରାଜ୍ୟରେ ୬୬.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସରକାରୀ ସୂଚନା ମୁତାବକ ଲଖିମପୁର ଖେରି, ଅଯୋଧ୍ୟା, ଆମେଥି, ବହରାଇଚ୍, ବାନ୍ଦା, ବାରାବଙ୍କି, ବସ୍ତି, ଫତେହପୁର, ହମିରପୁର, ହାର୍ଦୋଇ ଓ କାନପୁରରେ ବ୍ୟାପକ କ୍ଷତି ହୋଇଛି। ଏହି ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଖରିଫ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ଏହାସହିତ ଚାଷଜମି ଗୁଡ଼ିକରେ ଜଳ ଜମି ରହିଥିବାରୁ ଆଗାମୀ ରବି ଋତୁ ପାଇଁ ବିହନ ବୁଣା ପ୍ରକ୍ରିୟାରେ ବଡ଼ ଧରଣର ବିଳମ୍ବ ହେବ ବୋଲି ସରକାରୀ ଅଧିକାରୀମାନେ ଚିନ୍ତା ପ୍ରକାଶ କରିଛନ୍ତି। ଜମିରୁ ପାଣି ଶୁଖିବା ପାଇଁ ଅଧିକ ସମୟ ଲାଗିବାକୁ ଥିବାରୁ ଏହା ଚାଷ କାର୍ଯ୍ୟକୁ ବେଶ୍ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଉତ୍ତର ପ୍ରଦେଶର ପ୍ରବଳ ବର୍ଷା ଯୋଗୁଁ ଉନ୍ନାଓ ସ୍ଥିତ ବଶିରତଗଞ୍ଜ ଟୋଲ୍ ପ୍ଲାଜା ନିକଟରେ ଗଙ୍ଗା ଏକ୍ସପ୍ରେସୱେ ପ୍ରକଳ୍ପ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ଏହାଫଳରେ ଏହି ମାର୍ଗରେ ଯାତାୟାତ ବାଧାପ୍ରାପ୍ତହୋଇଛି।

## ଦେଶର ପ୍ରଥମ ଏଲଏନ୍‌ଜି ଟ୍ରେନ୍ ଶୁଭାରମ୍ଭ କଲେ ଅମିତ ଶାହ : ଗୁଜରାଟରେ ୧୫୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ଆରମ୍ଭ

ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଦେଶର ପ୍ରଥମ ଏଲ୍‌ଏନଜି ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଅହମଦାବାଦର ସାବରମତୀ ଷ୍ଟେସନ୍‌ରୁ ଏହି ଟ୍ରେନ୍ ଗଡ଼ିଛି। ଏହି କାର୍ଯ୍ୟକ୍ରମରେ ଶାହ ୱାଗ୍-୧୨ ଲୋକୋମୋଟିଭ୍‌ର ଶୁଭାରମ୍ଭ କରିଛନ୍ତି ଏବଂ ୧୫୦୦ରୁ ଅଧିକ କୋଟି ଟଙ୍କାର ରେଳପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ଲାଇନ୍ ଡବଲିଙ୍ଗ୍ କାର୍ଯ୍ୟ, କବଚ ଟ୍ରେନ୍ ସୁରକ୍ଷା ପଦ୍ଧତି, ଅଟୋମେଟିକ ସିଗ୍‌ନାଲିଂ ସିଷ୍ଟମ୍ ଏବଂ ୱାଗ୍-୧୨ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍ ମେଣ୍ଟେନାନ୍ସ ସେଡ୍ ମଧ୍ୟ ଅନ୍ତର୍ଭୁକ୍ତ।

ଶାହ କହିଛନ୍ତି, ଡେଡିକେଟେଡ୍ ଫ୍ରାଇଟ୍ କରିଡର୍, ରାପିଡ ରେଲ୍ ସିଷ୍ଟମ୍, ପ୍ରିମିୟମ୍ ଷ୍ଟେସନ୍ ସବୁକିଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଛି ଏବଂ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍ ଉଦ୍‌ଘାଟନ କରି ସେ ଦେଶକୁ ବିଶ୍ୱରେ ୪ ରାଷ୍ଟ୍ର ମଧ୍ୟରେ ରଖିଛନ୍ତି। ଶାହ କହିଛନ୍ତି, କଂଗ୍ରେସ କେବଳ ଦେଶ ବିରୋଧୀକଥା କହୁଛି। ଦେଶର ଲୋକମାନେ ସେମାନଙ୍କୁ ତଥ୍ୟ ସହ ଆଲୋଚନା କରିବାକୁ କହିବା ଉଚିତ। କଂଗ୍ରେସ, କେବଳ ଠକେଇ, ଦୁର୍ନୀତି ଛଡ଼ା ଆଉ କିଛି କରିନି। କଂଗ୍ରେସ ୧୨ ଲକ୍ଷ କୋଟି ଟଙ୍କାର ଦୁର୍ନୀତି କରିଛି। କିନ୍ତୁ ମୋଦୀଙ୍କୁ ୧୨ ବର୍ଷ ମଧ୍ୟରେ ୪ ଅଣାର ଦୁର୍ନୀତି କରିଥିବା କଥା କେହି କହିନାହାନ୍ତି।



## ଭୋଟର ତାଲିକାରୁ ୨୭ ଲକ୍ଷ ନାମ ହଟିବା ପାଇଁ ମମତା ଦାୟୀ: ଶୁଭେନ୍ଦୁ ଅଧିକାରୀ



କଲକାତା: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଉପରେ ପ୍ରବଳ ବର୍ଷିଛନ୍ତି। ରାଜ୍ୟରେ ଚିଠା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)ପ୍ରକ୍ରିୟାସମୟରେ ପ୍ରାୟ ୨୭ ଲକ୍ଷ ବୈଧ ଭୋଟରଙ୍କ ନାମ ହଟିବା ପାଇଁ କେବଳ ମମତା ବାନାର୍ଜୀ ହିଁ ଦାୟୀ ବୋଲି ସେ ପ୍ରକାଶ କରିଛନ୍ତି। ଏହି ମାମଲାରେ ବିଜେପି କିମ୍ବା ନିର୍ବାଚନ କମିସନଙ୍କର କୌଣସି ଭୂମିକା ନାହିଁ। ମମତା ବାନାର୍ଜୀ ନିଜେ ସପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ନ୍ୟାୟିକ ଅଧିକାରୀମାନେ ଯାଞ୍ଚ କରି ଏହି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଅଧିକାରୀ କହିଛନ୍ତି ଯେ ବିରୋଧୀ ଦଳଗଡ଼ିକ ବିଧାନସଭା ନିର୍ବାଚନରେ ଜନସାଧାରଣଙ୍କ ସ୍ପଷ୍ଟ ଜନାଦେଶକୁ ଗ୍ରହଣ କରିପାରୁନାହାନ୍ତି। କେତେକ ଗଣମାଧ୍ୟମ ବିଜେପିର ଏହି ବଡ଼ ବିଜୟକୁ ହଜମ କରିନପାରି ଏସ୍‌ଆଇଆର୍‌କୁ ନେଇ ମିଥ୍ୟା ଓ ଭ୍ରମାତ୍ମକ ଖବର ପ୍ରସାର କରୁଛନ୍ତି। ସେ କଟାକ୍ଷ କରି କହିଛନ୍ତି ଯେ କେରଳରେ କଂଗ୍ରେସ ଏହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସମର୍ଥନ କରୁଥିବା ବେଳେ ପଶ୍ଚିମବଙ୍ଗରେ ପରାଜିତ ହବା ପରେ ଏହାର ବିରୋଧ କରୁଛି। ନିର୍ବାଚନୀ ବ୍ୟବସ୍ଥାକୁ ବଦନାମ କରିବା ପାଇଁ ବର୍ତ୍ତମାନ ଟିଏମ୍‌ସି ଏବଂ ସିପିଏମ୍ ଦୀର୍ଘ ଦିନର ତିକ୍ତତା ଭୁଲି ଏକା ସ୍ୱରରେ କଥା କହୁଛନ୍ତି ବୋଲି ସେ କଟାକ୍ଷ କରିଛନ୍ତି। ଅପରପକ୍ଷରେ କେରଳ ମୁଖ୍ୟମନ୍ତ୍ରୀ ଭି ଡି ସତୀଶନ ରବିବାର ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଜ୍ଞାନେଶ କୁମାରଙ୍କୁ 'ବିଜେପିର ଏଜେଣ୍ଟ' ଭାବେ ଅଭିହିତ କରି ତୁରନ୍ତ ନିଜ ପଦବିରୁ ଇସ୍ତଫା ଦେବା ଉଚିତ ବୋଲି ଦାବି କରିଛନ୍ତି।

## ପାକିସ୍ତାନ ପଟୁ ଆସିଥିବା ୨୮ ଆତଙ୍କବାଦୀଙ୍କୁ ନିପାତ କଲା ଆଫଗାନିସ୍ତାନ, ୩୨ ଆହତ



କାବୁଲ: ପାକିସ୍ତାନ ପଟରୁ ଆଫଗାନିସ୍ତାନ ପୂର୍ବ ପ୍ରଦେଶ ନୁରିସ୍ତାନରେ ଏକ ସଶସ୍ତ୍ର ଗୋଷ୍ଠୀ ପ୍ରବେଶ କରିବା ପରେ ଏହାର ସେନା ୨୮ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛି ଓ ଅନ୍ୟ ୩୨ ଜଣ ଆହତ ହୋଇଥିବା ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟରବିବାର କହିଛି। ଏହି ଘଟଣା ଦୁଇ ପଡ଼ୋଶୀଙ୍କ ମଧ୍ୟରେ ପୂର୍ବରୁ ଖରାପ ହେଉଥିବା ସମ୍ପର୍କରେ ନୂତନ ବିବାଦ ଯୋଡ଼ିଛି। ଆଫଗାନିସ୍ତାନ କହିଛି ଯେ, ଆକ୍ରମଣ ଉଦ୍ଦେଶ୍ୟ ରଖି ଶନିବାର ଆତଙ୍କବାଦୀ ପାକିସ୍ତାନ ସୀମା ନିକଟବର୍ତ୍ତୀ କାମଦେଶ ଜିଲ୍ଲା ଦେଇ ପ୍ରବେଶ କରିଥିଲେ। ଆଫଗାନ୍ ସେନା ସେମାନଙ୍କ ବିରୋଧରେ ଏକ ଅପରେସନ ଆରମ୍ଭ କରି ୨୮ ଜଣଙ୍କୁ ନିପାତ କରିଥିଲେ। ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ଅଧିକାଂଶ ୨୦୨୧ରେ ତାଲିବାନ୍ ଦ୍ୱାରା ଗାଦିଚ୍ୟୁତ ହୋଇଥିବା ପୂର୍ବ ସରକାର ଅଧୀନରେ କାମ କରିଥିଲେ। ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଆହୁରି ମଧ୍ୟ ଅଭିଯୋଗ କରିଛି ଯେ, ଆତଙ୍କୀମାନଙ୍କୁ ପାକିସ୍ତାନୀ ମିଲିସିଆମାନେ ସମର୍ଥନ କରିଥିଲେ ଓ ଯୁଦ୍ଧ ଆରମ୍ଭ ହେବା ପରେ ପାକିସ୍ତାନୀ ସଶସ୍ତ୍ର କର୍ମଚାରୀମାନେ ସେଠାରୁ ଖସି ଯାଇଥିଲେ। ଆଫଗାନ୍ ଆକ୍ରମଣରୁ ବର୍ତ୍ତି ଯାଇଥିବା ଆତଙ୍କବାଦୀମାନେ ଶେଷରେ ପାକିସ୍ତାନୀମିଲିସିଆ ସ୍ଥାନ ଆଡ଼କୁ ପଳାଇ ଯାଇଥିଲେ। ପାକିସ୍ତାନୀ ସୁରକ୍ଷାବାହିନୀ ଓ ଗୁଇନ୍ଦା ସଂସ୍ଥାଗୁଡ଼ିକ ସଶସ୍ତ୍ର ଗୋଷ୍ଠୀଙ୍କୁ ସଂଗଠିତ, ତାଲିମ ଓ ସୁବିଧା ଯୋଗାଇବାରେ ସିଧାସଳଖ ସମ୍ପୃକ୍ତ ଥିବା ଆଫଗାନିସ୍ତାନ ଅଭିଯୋଗ କରିଛି। ତେବେ ପାକିସ୍ତାନ ସୂଚନା ମନ୍ତ୍ରଣାଳୟ 'ଏକ୍ସ' ରେ ପୋଷ୍ଟ କରି ଆଫଗାନିସ୍ତାନର ସମସ୍ତ

## ଶାନ୍ତି ଆଲୋଚନା ବିଫଳ: ଆମେରିକାକୁ ଧମକାଇଲା ଇରାନ




ତେହେରାନ୍: ଆମେରିକା ସହ ସୃଷ୍ଟି ହୋଇଥିବା ଉତ୍ତେଜନା ମଧ୍ୟରେ ଇରାନ ପକ୍ଷରୁ କଡ଼ା ଚେତାବନୀ ଜାରି କରାଯାଇଛି। ଆମେରିକା ପୁଣି ଇରାନ ଉପରେ ଆକ୍ରମଣ କରିପାରେ ବୋଲି ଆଶଙ୍କା କରାଯାଉଥିବା ବେଳେ, ଯେକୌଣସି ପରିସ୍ଥିତିର ସାମ୍ନା କରିବାକୁ ଦେଶ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ଇରାନ ସେନା କହିଛି। ସେନା ମୁଖପାତ୍ର ମହମ୍ମଦ ଆକ୍ରାମିନିଆ କହିଛନ୍ତି ଯେ ଇରାନ ଯୁଦ୍ଧ ପାଇଁ ପ୍ରସ୍ତୁତ ଅଛି ଏବଂ ଏଥର ଆମେରିକାକୁ ଆହୁରି ଅଧିକ କ୍ଷତି ସହିବାକୁ ପଡ଼ିବ। ଇରାନର ସରକାରୀ ଗଣମାଧ୍ୟମରେ ଏହି ବକ୍ତବ୍ୟ ପ୍ରକାଶ ପାଇଛି।

ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ଜଳପଥକୁ ପୁଣି ଖୋଲିବା ପାଇଁ ଦିଆଯାଇଥିବା ୭ ଦିନିଆ ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିବା ପରେ ଇରାନ ସେନା ଏପରି ବକ୍ତବ୍ୟ ଦେଇଛି। ଟ୍ରମ୍ପ କହିଛନ୍ତି ଯେ, 'ସେମାନେ ଏକ ପ୍ରସ୍ତାବ ଦେଇଥିଲେ, କିନ୍ତୁ ମୁଁ ଏହାକୁ ନାକଚ କରିଦେଇଛି। ସେମାନେ ଯୁଦ୍ଧରେ ବହୁତ ଖରାପ ଭାବେ ହାରୁଥିବାରୁ ଜଳପଥକୁ ତୁରନ୍ତ ଖୋଲିବା ପାଇଁ ଚୁକ୍ତି କରିବାକୁ ଚାହୁଁଛନ୍ତି।' ତେବେ ଟ୍ରମ୍ପଙ୍କ ଏହି ବକ୍ତବ୍ୟ ସତ୍ତ୍ୱେ, ମଧ୍ୟସ୍ଥ କତର ଏବଂ ପାକିସ୍ତାନ ଜରିଆରେ ଆମେରିକାର ସ୍ପଷ୍ଟ ଉତ୍ତରକୁ ଇରାନ ଅପେକ୍ଷା କରିଛି ବୋଲି ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି।

ଇରାନ ବୈଦେଶିକ ମନ୍ତ୍ରୀ ଆହୁରି କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଅନେକ ପରସ୍ପର ବିରୋଧୀ ବକ୍ତବ୍ୟ ଦେଉଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ନେଇ ସୃଷ୍ଟି ହୋଇଥିବା ବିବାଦର କେବଳ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ। ହର୍ମୁଜ୍ ଜଳପଥକୁ ଇରାନ ଖୋଲିବ ଏବଂ ଏହା ବଦଳରେ ଆମେରିକା ଇରାନ ବନ୍ଦରଗୁଡ଼ିକ ଉପରୁ କଟକଣା ହଟାଇବ ବୋଲି ଦୁଇ ଦେଶର ପ୍ରତିନିଧିମାନେ ଏକ ଚୁକ୍ତି ପାଇଁ ଚେଷ୍ଟା ଚାଲିଥିଲା। ଅନ୍ୟପଟେ, ମଧ୍ୟପ୍ରାଚ୍ୟ ଅଞ୍ଚଳରେ ହିଂସା କମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ଇରାନ ସମର୍ଥିତ ୟେମେନର ହୁତି ଆତଙ୍କବାଦୀମାନେ ସାଉଦି ଆରବର ରାଜଧାନୀ ରିୟାଦ ଉପରେ ଆକ୍ରମଣ କରିଛନ୍ତି। ଏହା ଜରିଆରେ ଇରାନ ମଧ୍ୟପ୍ରାଚ୍ୟରେ ଆମେରିକାର ସହଯୋଗୀ ଦେଶଗୁଡ଼ିକ ବିରୋଧରେ ନିଜର ଆକ୍ରମଣକୁ ଆହୁରି ତୀବ୍ର କରିଥିବା ସ୍ପଷ୍ଟ ହୋଇଛି। ନଭେମ୍ବର ମାସରେ ହେବାକୁ ଥିବା ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଟ୍ରମ୍ପ ଇରାନ ଉପରେ ପୁଣି ବୋମା ବର୍ଷା ଆରମ୍ଭ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଏହି ସମ୍ପର୍କରେ ପଚରାଯିବାରୁ ଟ୍ରମ୍ପ କିଛି ବି ସ୍ପଷ୍ଟ କହିବାକୁ ମନା କରିଦେଇଛନ୍ତି।

ଗତ ସପ୍ତାହରେ ନ୍ୟୁୟର୍କଠାରେ ଅନୁଷ୍ଠିତ ଜାତିସଂଘ ମହାସଭାରେ ଇରାନ ରାଷ୍ଟ୍ରପତି ମସୁଦ ପେଜେସକିଆନ କହିଥିଲେ ଯେ, ଯେପର୍ଯ୍ୟନ୍ତ ଆମେରିକାର କଟକଣା ଜାରି ରହିବ, ସେପର୍ଯ୍ୟନ୍ତ ହର୍ମୁଜ୍ ଜଳପଥ ଦେଇ ଜାହାଜ ଚଳାଚଳ ଅନୁମତି ଦିଆଯିବ ନାହିଁ। ଏହା ସହିତ ନିଜର ଆର୍ଥିକ ବିକାଶ ପାଇଁ ଆଣବିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବାର ଅଧିକାରକୁ ଇରାନ କେବେହେଲେ ଛାଡ଼ିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# ସ୍କ୍ୱାସ୍‌ରେ ଅଭୟ, ଅନାହତଙ୍କୁ ରୌପ୍ୟ




ନାଗୋୟା।୨୭।୯:: ଚଳିତ ଏସୀୟ କ୍ରୀଡାରେ ରବିବାର ସ୍କ୍ୱାସ୍ ଇଭେଣ୍ଟରୁ ୨ଟି ରେପ୍ୟ ପଦକ ଆସିଛି। ପୁରୁଷ ଓ ମହିଳା ଏକକ ଫାଇନାଲ୍‌ରେ ପହଞ୍ଚିଥିବା ଦୁଇ ଭାରତୀୟ ଅଭୟ ଅଭୟ ସିଂହ ଓ ଅନାହତ ସିଂହ ରବିବାର ନିଜ ନିଜ ମ୍ୟାଚ୍ ହାରି ରେପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଅଭୟ ୯-୧୧, ୫-୧୧, ୫-୧୧ରେ ମାଲେସିଆର ଏନ୍‌ଜି ଇଆନ୍ ୟୋଙ୍କଠୁ ପରାସ୍ତ ହୋଇଛନ୍ତି।

ଫାଇନାଲ୍‌ରେ ପହଞ୍ଚିବା ପର୍ଯ୍ୟନ୍ତ ଗୋଟିଏ ବି ଗେମ୍ ହାରି ନଥିବା ଅଭୟ ସୋମବାର ଗତ ସଂସ୍କରଣ ବିଜେତାଙ୍କୁ ପ୍ରଥମ ଗେମ୍‌ରେ କଡା ଟକ୍କର ଦେଇଥିଲେ। ହେଲେ ବିଶ୍ୱର ୧୮ ନମ୍ବର ମାଲେସିଆ ଖେଳାଳି ପ୍ରଥମ ଗେମ୍‌କୁ ୧୧-୯ରେ ଜିତି ନେଇଥିଲେ। ଦ୍ୱିତୀୟ ଓ ତୃତୀୟ ଗେମ୍‌ରେ ବିଶ୍ୱର ୨୬ ନମ୍ବର ଅଭୟ ସମାନ ୫-୧୧ ବ୍ୟବଧାନରେ ହାରି ରେପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ ଏବଂ ୟୋ ନିଜ ସ୍ୱର୍ଣ୍ଣ ବଜାୟ ରଖିଥିଲେ। ପାକିସ୍ତାନର ନୁର ଜାମନ କାଂସ୍ୟ ପାଇଥିଲେ। ଅନ୍ୟପକ୍ଷରେ ଅନାହତ ୪-୧୧, ୪-୧୧, ୭-୧୧ରେ ମାଲେସିଆର ଶିବାସଙ୍ଗାରି ସୁବ୍ରମନ୍ୟୁମଙ୍କଠୁ ପରାଜିତ ହୋଇଥିଲେ। ଜାପାନର ସାତୋମି ୱାତାନାବେ କାଂସ୍ୟ ପାଇଥିଲେ।

# ଗିଲ୍ ଓ କୋହିଲଙ୍କ ଶତକରେ ଭାରତ ବିଜୟୀ

ତିରୁବନନ୍ତପୁରମ,୨୭।୯: ୱେଷ୍ଟଇଣ୍ଡିଜ୍ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମୁକାବିଲାରେ ଭାରତ ଦମଦାର ଆରମ୍ଭ କରିଛି। ତିରୁବନନ୍ତପୁରମସ୍ଥିତ ଗ୍ରିନଫିଲ୍ଡ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୮ ୱିକେଟରେ ସହଜ ବିଜୟ ହାସଲ କରିଛି। ଟସ୍ ଜିଣି ଭାରତୀୟ ଟିମ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୱେଷ୍ଟଇଣ୍ଡିଜି ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୯୫ ରନ୍ ସଂଗ୍ରହ କରିଛି। ଭାରତ ରୋହିତ ଶର୍ମାଙ୍କ (୩୨), ଶୁଭମନ ଗିଲ୍‌ଙ୍କ ୧୧୦ ରନ୍, କୋହଲିଙ୍କ ଅପରାଜିତ ୧୩୯ ରନ୍ (୮୮ ବଲ, ୧୦ ଚୌକା, ୯ ଛକା) ଓ ଗାଏକୱାଡଙ୍କ ଅପରାଜିତ ୧୩ ରନ୍ କରିଥିଲେ। ଭାରତ ୪୧.୪ ଓଭରରେ ୩୦୦ ରନ୍ କରି ମ୍ୟାଚ୍ ଜିଣିନେଇଥିଲେ। ଭାରତ ପାଇଁ କୁଲଦୀପ ଯାଦବ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୱେଷ୍ଟଇଣ୍ଡିଜର ୪ଜଣ ଖେଳାଳିଙ୍କୁ ସେ ପାଭିଲିଅନ ଫେରାଇଛନ୍ତି।

ୱେଷ୍ଟଇଣ୍ଡିଜ୍ ପାଇଁ ଜନ୍ କ୍ୟାମ୍ପବେଲ ଏବଂ ଜଷ୍ଟିନ୍ ଗ୍ରେଭ୍‌ସ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ଖେଳାଳି ଯଥାକ୍ରମେ ଅର୍ଦ୍ଧଶତକ ଏବଂ ଶତକ ହାସଲ କରିଥିଲେ। ବ୍ୟକ୍ତିଗତ ଭାବେ ଜଷ୍ଟିନ୍ ୧୦୮ଟି ବଲ୍ ଖେଳି ୧୨ଟି ଚୌକା ସହାୟତାରେ ୧୦୧ ରନ୍ ସଂଗ୍ରହ କରିଥିଲେ। ସେହିପରି ଜନ୍ ୬୦ଟି ବଲ୍ ଖେଳି ୬୨ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୬ଟି ଚୌକା ଏବଂ ୩ଟି ଛକା ସାମିଲ କରିପାରିଥିଲେ। ଅମିର ଜାଙ୍ଗୋ ଅର୍ଦ୍ଧଶତକ ହାସଲ କରିଥିଲେ।

ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟିଂ ମଜବୁତ ଥିଲା। ୧୯.୧ ଓଭରରେ ସ୍କୋର ୧୩୫ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଦ୍ୱିତୀୟ ୱିକେଟ୍ ବେଳକୁ ଅତିଥି ଦଳର ସ୍କୋର ୧୭୬ ରନ୍‌ରେ ପହଞ୍ଚି ସାରିଥିଲା। ଏହା ପରେ ଦଳର ଖେଳାଳିମାନେ କ୍ରିଜ୍ ଅଧିକ ସମୟ ରହିବାକୁ ଅସମର୍ଥ ହୋଇଥିଲେ। କେଆସି କାର୍ଟି ୧୩, ସାଇ ହୋପ୍ ୧୨ ରନ୍, ରୋଷ୍ଟନ୍ ଚେଜ୍ ୨୪ ରନ୍, ମ୍ୟାଥ୍ୟୁ ଫୋର୍ଡେ ୭ ରନ୍ ସଂଗ୍ରହ କରି ଆଉଟ



ହୋଇଥିଲେ। ଜେୱେଲ୍ ଆଣ୍ଡ୍ର୍ୟୁ ଶୂନ୍ୟ ଖାତା ଖୋଲିପାରି ନଥିଲେ। ଭାରତ ପାଇଁ କୁଲଦୀପ ଯାଦବ ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ପ୍ରସିଦ୍ଧ କୃଷ୍ଣା ୨ଟି ଏବଂ ନିଶିତ କୁମାର ରେଡ୍ଡୀ ଗୋଟିଏ ୱିକେଟ୍ ନେଇଥିଲେ।

## ଏସୀୟ କ୍ରୀଡ଼ା : ହକି ସେମିରେ ଭାରତୀୟ ମହିଳା

କାକାମିଗାହାରା,୨୭।୯: ସୁନେଲିତା ଟପ୍ପଙ୍କ ଡବଲ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ୭-୦ ଗୋଲରେ ସିଙ୍ଗାପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ପାଇଁ ଅଧିନାୟିକା ସାଲିମା ଟେଟେ (୧୭ତମ ମିନିଟ୍), ସୁନେଲିତା (୨୨ତମ ଓ ୨୪ତମ), ଲାଲରେମସିଆମି (୨୬ତମ), ରୁତୁଜା ପିସାଲ (୨୯ତମ), ନିକି ପ୍ରଧାନ (୩୫ତମ)



ଓ ଦୀପିକା (୫୫ତମ) ଗୋଲ କରିଥିଲେ। ୫ ମ୍ୟାଚ୍‌ରେ ପଞ୍ଚମ ବିଜୟ ସହ ଏସୀୟ କ୍ରୀଡ଼ାରେ ଭାରତ ପୁଲ-ବି'ରେ ଟପ୍‌ରେ ରହିଛି। ବୁଧବାର ସେମିଫାଇନାଲରେ ଦକ୍ଷିଣ କୋରିଆକୁ ଭାରତ ଭେଟିବ। ସେହିଭଳି ଡିଫେଣ୍ଡିଂ ଚାମ୍ପିୟନ ଓ ଅଲିମ୍ପିକ୍ ସିଲଭର ମେଡାଲିଷ୍ଟ ଚାଇନା ଅନ୍ୟ ସେମିଫାଇନାଲରେ ଆୟୋଜକ ଜାପାନକୁ ଭେଟିବ। ସିଙ୍ଗପୁରର ଚମତ୍କାର ଡିଫେନ୍ସିଭ ପ୍ରଦର୍ଶନ ଯୋଗୁ ଭାରତ ପ୍ରଥମ କ୍ୱାର୍ଟରରେ ଗୋଲ କରିପାରି ନ ଥିଲା। ଏପରି କି ଭାରତ ୮ ପେନାଲ୍ଟି କର୍ନର (ପିସି)ରୁ ଗୋଟିଏ ବି ଗୋଲ କରିବାରେ ବିଫଳ ହୋଇଥିଲା। କିନ୍ତୁ ଦ୍ୱିତୀୟ କ୍ୱାର୍ଟରରେ ଭାରତ ୫ ଗୋଲ କରିଥିଲା, ଯେଉଁଥିରୁ ୩ଟି ଗୋଲ ପିସିରୁ ହୋଇଥିଲା। ତୃତୀୟ କ୍ୱାର୍ଟରରେ ନିକି ଗୋଲ କରିଥିବା ବେଳେ ଦଳ ହାସଲ କରିଥିବା ୫ଟି ପିସି ବେକାର ସାବ୍ୟସ୍ତ ହୋଇଥିଲା। ଅନ୍ତିମ ୫ ମିନିଟ୍‌ରେ ଭାରତକୁ କ୍ରମାଗତ ଦୁଇଟି ପିସି ମିଳିଥିଲା। ସେଥିରୁ ଦୀପିକା ଗୋଟିଏ ଗୋଲ କରିଥିଲେ।

# ୧୫,୦୦୦ ରନ୍ କ୍ଲବରେ କୋହଲି

ତିରୁବନନ୍ତପୁରମ୨୭।୯: ଭାରତୀୟ କ୍ରିକେଟ୍ ଟିମ୍‌ର ରନ୍ ମେସିନ ବିରାଟ କୋହଲି ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଏକ ବଡ ରେକର୍ଡ କରିଛନ୍ତି। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଆଜି ସ୍ଥାନୀୟ ଗ୍ରିନ୍‌ଫିଲ୍ଡ ଷ୍ଟାଡିୟମରେ ନିଜ କ୍ୟାରିୟରର ୧୫,୦୦୦ ରନ୍ ପୂରଣ କରିଛନ୍ତି। ଏଥି ସହିତ ଅନେକ ରେକର୍ଡ ଧ୍ୱଂସ କରିଦେଇଛନ୍ତି। ଦିନିକିଆ କ୍ରିକେଟ୍‌ର ଇତିହାସରେ ୧୫,୦୦୦ ରନ୍ କରିପାରିଥିବା ବିରାଟ କୋହଲି ବିଶ୍ୱର ଦ୍ୱିତୀୟ ବ୍ୟାଟର ହୋଇପାରିଛନ୍ତି। ତାଙ୍କର ପୂର୍ବରୁ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର କେବଳ ଏହି ଉପଲବ୍ଧି ହାସଲ କରିଥିଲେ। ସଚିନ ତେନ୍ଦୁଲକର (ଭାରତ): ୧୮,୪୨୬ ରନ୍ (୪୬୩ ମ୍ୟାଚ୍),ବିରାଟ କୋହଲି (ଭାରତ): ୧୫,୦୦୦+ ରନ୍ (୩୧୪+ ମ୍ୟାଚ୍),କୁମାର ସଂଗାକାରା (ଶ୍ରୀଲଙ୍କା) ୧୪,୨୩୪ ରନ୍,ରିକି ପଣ୍ଟିଂ (ଅଷ୍ଟ୍ରେଲିଆ): ୧୩,୭୦୪ ରନ୍ ଓ ସନତ ଜୟସୁରିଆ (ଶ୍ରୀଲଙ୍କା): ୧୩,୪୩୦। ତିରୁଭାନନ୍ତପୁରମର ଗ୍ରୀନ୍ ?ଫିଲ୍ଡ ଇଣ୍ଟରନ୍ୟାସନାଲ୍ ? ଷ୍ଟାଡିୟମ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏହା କୋହଲିଙ୍କ ୪୪ତମ ଦିନିକିଆ ମ୍ୟାଚ୍ । ଏହା ସହ ସେ ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଅଜହରୁଦ୍ଦିନଙ୍କ ୨୮ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଛନ୍ତି । ସେ କାରିବିଆନ୍ ଦଳ ବିପକ୍ଷରେ ୪୩ଟି ଡଓ୍ଡ ଖେଳିଥିଲେ । ଏବେ ୪୪ତମ ମ୍ୟାଚ୍‌ରେ ପ୍ରବେଶ କରି କୋହଲି ଏହି ରେକର୍ଡ ନିଜ ନାଁରେ କରିଛନ୍ତି। ତାଲିକାରେ କୋହଲିଙ୍କ ପଛକୁ କପିଳ ଦେବ ୪୨ଟି, ରାହୁଲ ଦ୍ରାବିଡ ୪୦ଟି ଏବଂ ଏମଏସ୍ ଧୋନି ଓ ସଚିନ ତେନ୍ଦୁଲକର ୩୯ଟି ଲେଖାଏଁ ମ୍ୟାଚ୍ ? ଖେଳିଛନ୍ତି।




## ହରଜିନ୍ଦର ନବମ

ନାଗୋୟା: ଚଳିତ ଏସୀୟ କ୍ରୀଡାରେ କେବଳ ଗୋଟିଏ ରେପ୍ୟ ପଦକ ସହ ଭାରତର ଭାରୋତ୍ତାଳନ ଅଭିଯାନ ଶେଷ ହୋଇଛି। ରବିବାର ମହିଳା ୬୯ କିଲୋଗ୍ରାମରେ ହରଜିନ୍ଦର କୋର ନବମ ସ୍ଥାନରେ ରହି ପଦକରୁ ବଞ୍ଚିତ ରହିଥିଲେ। ୨୯ ବର୍ଷୀୟା ଏହି ୨ଥରର ରାଜ୍ୟଗୋଷ୍ଠୀ କ୍ରୀଡା ପଦକ ବିଜୟିନୀ ୯୪ କିଲୋଗ୍ରାମ୍ ସ୍ନାଚ୍ ଏବଂ ୧୧୦ କିଲୋଗ୍ରାମ କ୍ଲିନ୍ ଆଣ୍ଡ ଜର୍କ ସହ ମୋଟ ୨୦୪ କିଲୋଗ୍ରାମ ଭାର ଉଠାଇ ଦଶଜଣିଆ ଫାଇନାଲ୍‌ରେ ଶେଷ ଆଡୁ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ତୀରନ୍ଦାଜିରେ ଭାରତର ଦବ୍‌ଦବା

ନାଗୋୟା।୨୭।୯:: ଚଳିତ ଏସୀୟ କ୍ରୀଡା ତୀରନ୍ଦାଜିର ଭାରତର ଦବ୍‌ଦବା ଜାରି ରହିଛି। ଗତ ହାଙ୍ଗଝୋ ଏସୀୟ କ୍ରୀଡାରେ ରେକର୍ଡ ୯ (୫ ସ୍ୱର୍ଣ୍ଣ, ୨ ଲେଖାଏଁ ରେପ୍ୟ ଓ କାଂସ୍ୟ) ପଦକ ଜିତିଥିବା ଭାରତୀୟ ତୀରନ୍ଦାଜମାନେ ଏଠାରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଚଳିତ ଏସୀୟ କ୍ରୀଡା କମ୍ପାଉଣ୍ଡ ଓ ରିକର୍ଭ ତୀରନ୍ଦାଜିର ସେମିଫାଇନାଲ୍‌ରେ ଭାରତର ପୁରୁଷ ଓ ମହିଳା ଦଳ ସହ ମିଶ୍ରିତ ଦଳ ପ୍ରବେଶ କରିଛନ୍ତି। କୁଶାଲ ଦଲାଲ, ସାହିଲ ଯାଦବ ଓ ଗେଣେଶମଣି ରତ୍ନମଙ୍କୁ ନେଇ ଗଠିତ ପୁରୁଷ କମ୍ପାଉଣ୍ଡ ଦଳ କ୍ୱାର୍ଟରଫାଇନାଲ୍‌ରେ ୨୩୫-୨୩୨ରେ ହରାଇ ଏହି ସ୍ଥାନ ପକ୍କା କରିଥିଲା।ଏହା ପୂର୍ବରୁ ଭାରତ ରାଉଣ୍ଡ-୧୬ରେ ୟୁଏଇକୁ ୨୩୫-୨୧୫ରେ ହରାଇଥିଲା। ସେହିଭଳି ଜ୍ୟୋତି ସୁରେଖା ଭେନ୍ନାମ ଓ ଚିକିତା ତାନିପାର୍ଥୀ ଓ ପ୍ରୀତିକା ପ୍ରଦୀପଙ୍କୁ ନେଇ ଗଠିତ ମହିଳା ଦଳ କ୍ୱାର୍ଟରଫାଇନାଲ୍‌ରେ କାଜାଖସ୍ତାନକୁ ୨୩୩-୨୩୦ ଏବଂ ପ୍ରିକ୍ୱାର୍ଟରଫାଇନାଲ୍‌ରେ ମଙ୍ଗୋଲିଆକୁ ୨୩୮-୨୨୩ରେ ହରାଇଥିଲା। ସେମିଫାଇନାଲ୍‌ରେ ଭାରତର ଉଭୟ ଦଳ ବୁଧବାର ଦକ୍ଷିଣ କୋରିଆକୁ ଭେଟିବେ। ଚିକିତା ଓ ସାହିଲଙ୍କୁ ନେଇ ଗଠିତ ମିଶ୍ରିତ ଯୁଗଳ ଦଳ କ୍ୱାର୍ଟରଫାଇନାଲ୍‌ରେ ୧୬୦-୧୪୬ରେ ମଙ୍ଗୋଲିଆ ଯୋଡିଙ୍କୁ ଏବଂ ପ୍ରିକ୍ୱାର୍ଟରଫାଇନାଲ୍‌ରେ କାଜାଖସ୍ତାନ ଯୋଡିଙ୍କୁ ୧୫୯-୧୫୪ରେ ହରାଇଥିଲେ। ଭାରତ ଗତ ସଂସ୍କରଣରେ କମ୍ପାଉଣ୍ଡ ତୀରନ୍ଦାଜିରୁ ୫ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲା।



ସେହିଭଳି ମିଶ୍ରିତ ରିକର୍ଭ ଯୁଗଳ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଭାରତୀୟ ଯୋଡି ଧୀରଜ ବୋମ୍ମାଦେବରା ଓ କୁମ୍‌କୁମ୍ ଅନୀଲ ହୋହୋଦ ୬-୦ରେ ୟୁଏଇକୁ ଏବଂ କ୍ୱାର୍ଟରଫାଇନାଲ୍‌ରେ ୬-୦ରେ ଭିଏତ୍‌ନାମ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ନୀରଜ ଚୌହାନ, ଯଶଦୀପ ଭୋଗେ ଓ ଧୀରଜଙ୍କୁ ନେଇ ଗଠିତ ପୁରୁଷ ଦଳ ୫-୧ରେ ଫିଲିପାଇନ୍ସକୁ ଏବଂ କ୍ୱାର୍ଟରଫାଇନାଲ୍‌ରେ ଚୀନ୍‌କୁ ୫-୧ରେ ହରାଛି। ସେହିଭଳି କୁମ୍‌କୁମ୍, ଅଙ୍କିତା ଭକତ ଓ କାର୍ତ୍ତିଙ୍କୁ ନେଇ ଗଠିତ ମହିଳା ଦଳ ସମାନ ୬-୦ ବ୍ୟବଧାନରେ ପ୍ରିକ୍ୱାର୍ଟରଫାଇନାଲ୍ ଓ କ୍ୱାର୍ଟରଫାଇନାଲ୍‌ରେ ଯଥାକ୍ରମେ ମଙ୍ଗୋଲିଆ ଓ ଚାଇନିଜ୍ ତାଇପେକୁ ହରାଇ ସେମିଫାଇନାଲ୍ ସ୍ଥାନ ପକ୍କା କରିଛି।

## ଲଙ୍ଗ୍‌ଜମ୍ପ ଓ ୪୦୦ ମିଟର ବାଧାଦୌଡ ଫାଇନାଲ୍‌ରେ ୫ ଭାରତୀୟ

ନାଗୋୟା।୨୭।୯:: ଚଳିତ ଏସୀୟ କ୍ରୀଡା ଲଙ୍ଗ୍‌ଜମ୍ପ ଏବଂ ୪୦୦ ମିଟର ବାଧାଦେଡର ଫାଇନାଲ୍‌ରେ ମୋଟ ୫ ଭାରତୀୟ ଆଥଲେଟ୍ ପ୍ରବେଶ କରିଛନ୍ତି। ପୁରୁଷ ଲଙ୍ଗ୍‌ଜମ୍ପ ଯୋଗ୍ୟତା ପର୍ଯ୍ୟାୟରେ ମୁରଲୀ ଶ୍ରୀଶଙ୍କର ୭.୮୪ ମିଟର ସହ ଦ୍ୱିତୀୟ ସ୍ଥାନରେ ଏବଂ ଡେଭିଡ୍ ପଘୁରାଜ ୭.୬୨ ମିଟର ସହ ସପ୍ତମ ସ୍ଥାନରେ ରହି ପଦକ ଦୌଡରେ ସାମିଲ ହୋଇଛନ୍ତି। ସେହିଭଳି ପୁରୁଷ ୪୦୦ ମିଟର ବାଧାଦେଡରେ ସନ୍ତୋଷ ତାମିଲରାସନ ୪୯.୬୧ ସେକେଣ୍ଡ ସହ ନିଜ ହିଟ୍‌ରେ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ୍‌ରେ ପ୍ରବେଶ କରିଥିଲେ। ତେବେ ଯଶାସ ପଲାକ୍ଷ ପ୍ରଥମ ହର୍ଡଲ ପାର୍ କରି ନପାରି ବିଦାୟ ନେଇଥିଲେ। ମହିଳାରେ ବିଥ୍ୟା ରାମରାଜ ଓ ଅନୁ ରାଘବନ ଯଥାକ୍ରମେ ୫୫.୭୩ ଓ ୫୫.୮୪ ସେକେଣ୍ଡ ସହ ନିଜ ନିଜ ହିଟ୍‌ରେ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ତେବେ ମହିଳା ୨୦ କିଲୋମିଟର ରେସ୍ ୱାକ୍‌ରେ ମଞ୍ଜୁ ରାଣୀ (୧:୪୦:୧୭ ସେକେଣ୍ଡ) ଷଷ୍ଠ ସ୍ଥାନରେ ଏବଂ ପ୍ରିୟଙ୍କା ଅଯୋଗ୍ୟ ହୋଇ ପଦକ ଜିତିବାରେ ବିଫଳ ହୋଇଛନ୍ତି।

## ବ୍ୟାଡ୍‌ମିଣ୍ଟନ: କ୍ୱାର୍ଟରରୁ ତ୍ରିଶା-ଗାୟତ୍ରୀ, ଧ୍ରୁବ-ତନିଶା ବିଦା

ନାଗୋୟା।୨୭।୯:: ଚଳିତ ଏସୀୟ କ୍ରୀଡା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଯୁଗଳ ବର୍ଗରେ ଭାରତର ଅଭିଯାନ ଶେଷ ହୋଇଛି। ମହିଳା ଯୁଗଳ ଯୋଡି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏବଂ ମିଶ୍ରିତ ଯୁଗଳ ଯୋଡି ଧ୍ରୁପ କପିଳ ଓ ତନିଶା କ୍ରାଷ୍ଟୋ ନିଜ ନିଜ ମ୍ୟାଚ୍ ହାରି ସେମିଫାଇନାଲ୍ ପୂର୍ବରୁ ବିଦାୟ ନେଇଛନ୍ତି। ସେହିପରି ପି.ଭି. ସିନ୍ଧୁଙ୍କ ପରାଜୟ ହୋଇଛି। ରବିବାର ମହିଳା ଯୁଗଳ କ୍ୱାର୍ଟରଫାଇନାଲ୍‌ରେ ବିଶ୍ୱ କାଂସ୍ୟ ବିଜୟିନୀ ତ୍ରିଶା ଓ ଗାୟତ୍ରୀ ୧୮-୨୧, ୯-୨୧ରେ ବିଶ୍ୱର ୫ ନମ୍ବର ମାଲେସିଆ ଯୋଡି ପର୍ଲି ତାନ୍ ଓ ତିନାହ ମୁରଲୀଧରନଙ୍କଠୁ ହାରି ଯାଇଥିଲେ। ପର୍ଲି ଓ ତିନାହ ୨୦୨୫ ବିଶ୍ୱ ରେପ୍ୟ ବିଜୟିନୀ। ମିଶ୍ରିତ ଯୁଗଳରେ ଧ୍ରୁପ ଓ ତନିଶା କଡା ସଂଘର୍ଷ କରି ୧୪-୨୧, ୨୧-୧୮, ୧୮-୨୧ରେ ବିଶ୍ୱର ୧ ନମ୍ବର ଚୀନ୍ ଯୋଡି ଫେଙ୍ଗ ୟାନ୍ ଝେ ଓ ହୁଆଙ୍ଗ ଡୋଙ୍ଗପିଙ୍ଗ୍‌ଙ୍କଠୁ ପରାଜିତ ହୋଇଛନ୍ତି।

## ପଦକ ପକ୍କା କଲେ ଅଙ୍କୁଶ

ଆଇଚ୨୭।୯:: ଭାରତୀୟ ମୁଷ୍ଟିଯୋଦ୍ଧା ଅଙ୍କୁଶ ପଙ୍ଘଲ ଚଳିତ ଏସୀୟ କ୍ରୀଡାରେ ପଦକ ନିଶ୍ଚିତ କରିଛନ୍ତି। ରବିବାର ପୁରୁଷ ୮୦ କିଲୋଗ୍ରାମ୍ କ୍ୱାର୍ଟରଫାଇନାଲ୍‌ରେ ଏହି ୨୦ ବର୍ଷୀୟ ହରିୟାଣା ଯୁବକ ୫-୦ରେ ତାଜିକିସ୍ତାନର ନେକ୍ଲୁଜ ସାଲିମୋଭଙ୍କୁ ମାତ୍ ଦେଇଥିଲେ। ଶେଷ ରାଉଣ୍ଡ ଅଙ୍କୁଶଙ୍କ ବିପକ୍ଷରେ ଯାଇଥିଲା। ପ୍ରଥମ ଦୁଇ ରାଉଣ୍ଡ ସପକ୍ଷରେୟ ଏହି ରାଉଣ୍ଡରେ ଜଜ୍‌ମାନେ ସାଲିମୋଭଙ୍କୁ ୪-୧ ଦେଇଥିଲେ। ହେଲେ ପ୍ରଥମ ଦୁଇ ରାଉଣ୍ଡ ସପକ୍ଷରେ ଯାଇଥିବାରୁ ଏହା ଅଙ୍କୁଶଙ୍କୁ ବିଜୟ ଦେଇଥିଲା। ଫଳରେ ଅଡିକମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ଅଙ୍କୁଶ ମଙ୍ଗଳବାର ଉଜବେକିସ୍ତାନର ଫଜ୍‌ଲିଦିନ୍ ଏର୍କିନବୋଏଭଙ୍କୁ ଭେଟିବେ।

## ଏସୀୟ କ୍ରୀଡା ପୁରୁଷ କ୍ରିକେଟ୍

# ଆଜିଠୁ ଭାରତର ଅଭିଯାନ

ନିଶିନ: ଗତ ସଂସ୍କରଣ ବିଜେତା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଚଳିତ ଏସୀୟ କ୍ରୀଡାରେ ସୋମବାର ଆଫ୍‌ଗାନିସ୍ତାନ ବିପକ୍ଷରେ କ୍ୱାର୍ଟରଫାଇନାଲ୍ ଖେଳି ଅଭିଯାନ ଆରମ୍ଭ କରିବ। ୨୦୨୨ ଏସୀୟ କ୍ରୀଡା ଫାଇନାଲ୍‌ରେ ଏହି ଦୁଇ ଦଳ ମୁହାଁମୁହିଁ ହୋଇଥିଲେ। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ର ଦ୍ୱିତୀୟ ପାଳି ଖେଳ ସମ୍ଭବ ନହେବାରୁ ଭାରତ ଉଚ୍ଚ ମାନ୍ୟତା ଦଳ ହୋଇଥିବାରୁ ସ୍ୱର୍ଣ୍ଣ ପଦକ ଜିତିଥିଲା। ଚଳିତ ପ୍ରତିଯୋଗିତାରେ ଆଫ୍‌ଗାନିସ୍ତାନ ଗ୍ରୁପ୍-ଏରେ ଜାପାନକୁ ହରାଇଥିଲା ବେଳେ ନେପାଳଠୁ ହାରି ୨ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛି। ଅନ୍ୟପକ୍ଷରେ ଶ୍ରେୟସ ଆୟରଙ୍କ ଦଳ ମାନ୍ୟତା ଅନୁଯାୟୀ ସିଧାସଳଖ କ୍ୱାର୍ଟରଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିଛି।

ଏହି ମ୍ୟାଚ୍ ପୂର୍ବରୁ ଭାରତ ଆୟୋଜକ ଜାପାନ ବିପକ୍ଷରେ ଖେଳି ଏଠାକାର ପରିବେଶକୁ ଆକଳନ କରି ନେଇଛି। ଏହି ୫ ଓଭରିଆ ମ୍ୟାଚ୍‌ରେ ଭାରତ ୩୨/୪ କରିଥିଲା ବେଳେ ଜାପାନକୁ ୩୦/୩ରେ ଅଟକାଇ କଷ୍ଟକର ବିଜୟ ପାଇଥିଲା। ତେଣୁ ସୋମବାର ଆଫ୍‌ଗାନିସ୍ତାନର ଦୃ ସ୍ପିନ୍ ବାହିନୀ ବିପକ୍ଷରେ ଭାରତୀୟ ବ୍ୟାଟର୍ ଚମକିଲେ ଦଳ ସହଜରେ ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିନେବ। ଉଭୟ ଦଳ ପୂର୍ବରୁ ୧୨ ଥର ମୁହାଁମୁହିଁ ହୋଇଥିଲା ବେଳେ ଭାରତ ୧୧ ଥର ଜିତିଛି ଓ ଗୋଟିଏ ଫଳଶୂନ୍ୟ ରହିଛି।

ସୋମବାର ନିଶିନରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ପାଣିପାଗ ବିଭାଗ କରିଛି। ଫଳରେ ଏହି ମ୍ୟାଚ୍ ବାତିଲ ହୋଇପାରେ। ବାତିଲ ହେଲେ ଆଇସିସି ଟ୍ୱେଣ୍ଟି-୨୦ ମାନ୍ୟତା ଆଧାରରେ ଭାରତ ଉଚ୍ଚରେ ଥିବାରୁ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବ। ଶୁକ୍ରବାର ଏହି ପଡ଼ିଆରେ ଖେଳାଯାଇଥିବା ଶେଷ ଦୁଇଟି ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁଁ ବାତିଲ ହୋଇଥିଲା।

ସମ୍ଭାବ୍ୟ ଭାରତୀୟ ଏକାଦଶ: ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌କିପର), ଈଶାନ କିଶନ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଅକ୍ଷର ପଟେଲ, ଶିବମ ଦୁବେ, ୱାସିଂଟନ ସୁନ୍ଦର, ରବି ବିଷ୍ଣୋଇ, ଯଶ୍ ଠାକୁର/ ଅର୍ଶଦୀପ ସିଂହ, ଯଶପ୍ରୀତ ବୁମ୍‌ରା। ସମ୍ଭାବ୍ୟ ଆଫଗାନିସ୍ତାନ ଏକାଦଶ: ମହମ୍ମଦ ଆକ୍ରମ, ହାସନ ଇସାଖିଲ, କରିମ ଜନତ, ଦର୍‌ୱିସ ରସୁଲି (ଅଧିନାୟକ), ନଜିବୁଲ୍ଲା ଜଦ୍ରାନ, ମହମ୍ମଦ ଈଶାକ (ୱିକେଟ୍‌କିପର), ଇସ୍‌ମତ ଆଲାମ, ନାଙ୍ଗେୟାଲିଆ ଖାନ, ଅବ୍‌ଦୁଲ୍ଲା ଅହମଦଜାଇ, ଫରିଦୁନ ଦେଦଜାଇ, ଆରବ ଗୁଲ।

## ଓଡ଼ିଶା ଟି-୨୦ ଲିଗ୍ ପ୍ଲେଅଫ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ

କଟକ, ୨୭/୦୯: ପାଣିପାଗ ପରିସ୍ଥିତି ଏବଂ ଗତ କିଛି ଦିନ ଧରି ମ୍ୟାଚ୍‌ଗୁଡ଼ିକର ଅଗ୍ରଗତିକୁ ଦୃଷ୍ଟିରେ ରଖି ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫିର ପ୍ଲେଅଫ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଲିଗ୍ ପରିଚାଳନା ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ଲେଅଫ୍‌ର କ୍ୱାଲିଫାୟର୍ ମ୍ୟାଚ୍‌ରେ ପଏଣ୍ଟ ଟେବୁଲ୍‌ର ଦ୍ୱିତୀୟ ସ୍ଥାନରେ ଥିବା ଦଳ ଓ ତୃତୀୟ ସ୍ଥାନରେ ଥିବା ଦଳ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ସେପ୍ଟେମ୍ବର ୨୯ ତାରିଖ ରାତି ୭ଟା ୩୦ ମିନିଟ୍‌ରେ ଖେଳାଯିବ। ଏହାପରେ ଟୁର୍ଣ୍ଣାମେଣ୍ଟର ବହୁ ପ୍ରତୀକ୍ଷିତ ଫାଇନାଲ୍ ମ୍ୟାଚ୍ ସେପ୍ଟେମ୍ବର ୩୦ ତାରିଖ ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ସହ ଚଳିତ ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫିର ଚାମ୍ପିଅନ୍ ନିର୍ଣ୍ଣୟ ହେବ। ସେହିପରି, ସେପ୍ଟେମ୍ବର ୨୯ ତାରିଖ ଦିନ ଅପରାହ୍ନ ୨ଟାରେ ଏକ ପ୍ରଦର୍ଶନୀ ମ୍ୟାଚ୍ ମଧ୍ୟ ଆୟୋଜିତ ହେବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ସିନିୟର୍ ମହିଳା କ୍ରିକେଟର୍‌ମାନଙ୍କୁ ନେଇ ଏହି ମ୍ୟାଚ୍ ଖେଳାଯିବ। ଓସିଏ ସିନିୟର୍ ମହିଳା ଦଳର ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ଦିନଟିର ନିର୍ଦ୍ଧାରିତ କ୍ରିକେଟ୍ କାର୍ଯ୍ୟକ୍ରମର ଅଂଶ ଭାବେ ଏହି ପ୍ରଦର୍ଶନୀ ମ୍ୟାଚ୍ ଆୟୋଜିତ ହେବ। ପାଣିପାଗ ସ୍ଥିତି ଓ ମ୍ୟାଚ୍‌ଗୁଡ଼ିକର ଅଗ୍ରଗତିକୁ ନଜରରେ ରଖି ପ୍ଲେଅଫ୍ ତାରିଖରେ ଏହି ପରିବର୍ତ୍ତନ କରାଯାଇଥିବା ଲିଗ୍ ପରିଚାଳନା ପକ୍ଷରୁ ସୂଚନା ଦିଆଯାଇଛି।

## ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫି

# ଭୁବନେଶ୍ୱର ଟାଇଗର୍ସଙ୍କୁ ହରାଇଲା ରାଉରକେଲା ସୁପରଷ୍ଟାର୍ସ

କଟକ, ୨୭/୦୯: କଟକ ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫିରେ ରାଉରକେଲା ସୁପରଷ୍ଟାର୍ସ ରୋମାଞ୍ଚକର ଭାବେ ଭୁବନେଶ୍ୱର ଟାଇଗର୍ସଙ୍କୁ ୩ ୱିକେଟ୍‌ରେ ପରାସ୍ତ କରିଛି। ଚାପପୂର୍ଣ୍ଣ ପରିସ୍ଥିତିରେ ଅଭିଷେକ ଯାଦବଙ୍କ ଅପରାଜିତ ୬୧ ରନ୍‌ର ଦମ୍‌ଦାର ଇନିଂସ ରାଉରକେଲାକୁ ବିଜୟ ଦେଇଛି। ଟସ୍ ପରେ ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଟାଇଗର୍ସ ଆରମ୍ଭରୁ ହିଁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୨୦ ରନ୍‌ରେ ଦଳ ୨ଟି ୱିକେଟ୍ ହରାଇଥିଲା। ଏହି ସମୟରେ ସମ୍ବିତ ବେଜା ଓ ଶ୍ରେୟାଂଶ ଭାରଦ୍ୱାଜ ଦାୟିତ୍ୱବାନ ବ୍ୟାଟିଂ କରି ଦଳର ଇନିଂସକୁ ସମ୍ଭାଳିଥିଲେ। ଉଭୟେ ତୃତୀୟ ୱିକେଟ୍ ପାଇଁ ୫୦ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ସମ୍ବିତ ବେଜା ୧୯ଟି ବଲ୍‌ରୁ ୨୫ ରନ୍ କରିଥିବା ବେଳେ ଶ୍ରେୟାଂଶ ଭାରଦ୍ୱାଜ ୨୮ଟି ବଲ୍‌ରୁ ୩୯ ରନ୍ କରିଥିଲେ। ତେବେ ରାଉରକେଲା ବୋଲରମାନେ ନିୟମିତ ବ୍ୟବଧାନରେ ୱିକେଟ୍ ହାସଲ କରି ଭୁବନେଶ୍ୱରକୁ ବଡ଼ ଭାଗୀଦାରି ଗଢ଼ିବାର ସୁଯୋଗ ଦେଇନଥିଲେ। ଅନ୍ୟପଟେ ରୁଦ୍ର ପ୍ରସାଦ ମଲ୍ଲିକ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳର ସ୍କୋରକୁ ଆଗକୁ ବଢ଼ାଇଥିଲେ। ସେ ୩୫ଟି ବଲ୍‌ରୁ ୪୭ ରନ୍‌ର ଉପଯୋଗୀ ଇନିଂସ ଖେଳିବାରୁ ଭୁବନେଶ୍ୱର ଟାଇଗର୍ସ ୧୪୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ରାଉରକେଲା ପକ୍ଷରୁ ପାପୁ ରାୟ ଚମତ୍କାର ବୋଲିଂ କରି ୪ ଓଭରରେ ୨୦ ରନ୍ ଦେଇ ୨ଟି ୱିକେଟ୍ ହାସଲ କରିଥିଲେ। ୧୫୦ ରନ୍‌ର ବିଜୟଲକ୍ଷ୍ୟର ପିଛା କରି ରାଉରକେଲା ସୁପରଷ୍ଟାର୍ସ ମଧ୍ୟ ଆରମ୍ଭରୁ ଚାପରେ ପଡ଼ିଥିଲା। ମାତ୍ର ୮ ଓଭର ମଧ୍ୟରେ ଦଳ ୪୯ ରନ୍‌ରେ ୪ଟି ୱିକେଟ୍ ହରାଇଥିଲା। ନିୟମିତ ବ୍ୟବଧାନରେ ୱିକେଟ୍ ପଡୁଥିବାରୁ ମ୍ୟାଚ୍‌ର ରୋମାଞ୍ଚ ଚରମ ସୀମାରେ ପହଞ୍ଚିଥିଲା। ଏହି ସମୟରେ ଅଭିଷେକ ଯାଦବ ଦଳର ଇନିଂସର ମଙ୍ଗ ଧରିଥିଲେ। ଚାପକୁ ଖାତିର ନକରି ସେ ଧୈର୍ଯ୍ୟର ସହ ବ୍ୟାଟିଂ କରି ରନ୍ ସଂଗ୍ରହ ଜାରି ରଖିଥିଲେ। ଅଭିଷେକ ୩୮ଟି ବଲ୍‌ରୁ ଅପରାଜିତ ୬୧ ରନ୍ କରି ଦଳକୁ ବିଜୟ ଲକ୍ଷ୍ୟ ନିକଟରେ ପହଞ୍ଚାଇଥିଲେ। ଶେଷରେ ତାଙ୍କ ଦୃଢ଼ ବ୍ୟାଟିଂ ବଳରେ ରାଉରକେଲା ୩ ୱିକେଟ୍‌ରେ ରୋମାଞ୍ଚକର ବିଜୟ ହାସଲ କରିଥିଲା। ମ୍ୟାଚ୍ ପରେ ଅଭିଷେକ କହିଥିଲେ, "ଦଳର ବିଜୟରେ ଯୋଗଦାନ ଦେଇପାରିଥିବାରୁ ବହୁତ ଖୁସି।ବିଶେଷକରି ଆମେ ଆରମ୍ଭରୁ କିଛି ୱିକେଟ୍ ହରାଇଥିବାରୁ ପରିସ୍ଥିତି କଷ୍ଟକର ଥିଲା। ମୋର ଲକ୍ଷ୍ୟ ଥିଲା କ୍ରିଜ୍‌ରେ ରହିବା, ଇନିଂସକୁ ସମ୍ଭାଳିବା ଏବଂ ମ୍ୟାଚ୍‌କୁ ଯଥାସମ୍ଭବ ଶେଷ ପର୍ଯ୍ୟନ୍ତ ନେଇଯିବା। ଦଳକୁ ଯେତେବେଳେ ରନ୍‌ର ଆବଶ୍ୟକତା ଥିଲା, ସେତେବେଳେ ରନ୍ କରି ଦଳକୁ ବିଜୟୀ କରାଇପାରିଥିବାରୁ ଖୁସି।" ଅଭିଷେକ ଯାଦବଙ୍କୁ 'ଡାଇନାମିକ୍ ଷ୍ଟ୍ରାଇକର୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ଭୁବନେଶ୍ୱର ଟାଇଗର୍ସର ପ୍ରତିନିଧି ପୁଣ୍ୟ ପ୍ରକାଶ ପରିଡ଼ା ପ୍ରଦାନ କରିଥିବା ବେଳେ 'ପ୍ଲେୟର୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ଭାରତ ମସଲାର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର୍ ଅରୁଣ ନାୟକ ପ୍ରଦାନ କରିଥିଲେ। ସେହିପରି ପାପୁ ରାୟଙ୍କୁ 'ମୋମେଣ୍ଟ ଅଫ୍ ଦି ମ୍ୟାଚ୍' ପୁରସ୍କାର ଭିମଲ ଏଲାଇଚିର ପ୍ରତିନିଧି ଲୁଭ୍ ମଲିକ୍ ପ୍ରଦାନ କରିଥିଲେ।




Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,